ବର୍ଷ-୨୪, ସଂଖ୍ୟା-୩୦୩
ଭୁବନେଶ୍ୱର
୦୭ ଡିସେମ୍ବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 303
Bhubaneswar
07 December, 2024 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କମାଲ୍ କଲେ ଷ୍ଟାର୍କ

# ଜନ୍ମମାଟିରେ ରାଷ୍ଟ୍ରପତି ଭାବବିହ୍ୱଳ





ବାରିପଦା,୬।୧୨(ମହାଭାରତ): ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଆଜି ଥିଲା ସବୁଠୁ ଅବିସ୍ମରଣୀୟ ଦିନ। ଯେଉଁଠି ଦିନେ ଜନ୍ମ ହୋଇଥିଲେ, ସେହି ଭିଟାମାଟିରେ ପାଦଦେଇଛନ୍ତି ଦେଶର ପ୍ରଥମ ନାଗରିକ। ଦିନେ ଯେଉଁଠି ଅ, ଆ ଶିଖିଥିଲେ ସେଇଠି ପିଲାଙ୍କ ସହ ଭାବବିନିମୟ କଲେ ନାଚିଲେ, ଭାବବିହ୍ୱଳ ମଧ ହେଲେ। ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ପାଇଁ ନିଜ ଜନ୍ମମାଟି ତଥା ପୈତୃକ ଗାଁ ଉପରବେଡ଼ା ଯାଇଥିଲେ। ରାଷ୍ଟ୍ରପତି ବନିଥିବା ଗାଁ ଝିଅଙ୍କୁ ପାଖରେ ପାଇ ଉପରବେଡ଼ାବାସୀ ତ କୃତ୍ୟ କୃତ୍ୟ ହେଲେ ରାଷ୍ଟ୍ରପତିଙ୍କୁ ପ୍ରଥମରୁ ପଞ୍ଚମ ଯାଏଁ ପାଠ ପଢ଼ାଇଥିବା ଗୁରୁ ମଧ ନିଜକୁ ଧନ୍ୟ ମନେକଲେ।

୫ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଆଜି ନିଜ ଗାଁ ମୟୂରଭଞ୍ଜର ଉପରବେଡ଼ା ଗସ୍ତରେ ଆସିଥିଲେ। ଏହା ପୂର୍ବରୁ ସକାଳେ ଭୁବନେଶ୍ୱରରେ କିଛି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାଷ୍ଟ୍ରପତି ସକାଳ ୮ଟା ୫୫ରେ ରାଜଭବନରୁ ବାହାରି ଏଜି ଛକରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମହାପରିନିର୍ବାଣ ଦିବସ ଅବସରରେ ମାଲ୍ୟାର୍ପଣ କରିଥିଲେ। ଉପରବେଡ଼ା ଗାଁରେ ଉଚ୍ଚ ପ୍ରାଥମିକ ସ୍କୁଲ ପହଞ୍ଚିବା କ୍ଷଣି ମହାମହିମଙ୍କ ଆଖି ସାମ୍ନାରେ ନାଚି ଉଠିଥିଲା ପିଲାବେଳର ସ୍ମୃତି ସବୁ। ଅଭିଭାଷଣ ରଖିବା ବେଳେ ନିଜ ବାଲ୍ୟସ୍ମୃତିକୁ ବଖାଣିଥିଲେ। ଝାଟିମାଟି କ୍ଲାସରୁମକୁ ଗୋବର ଦ୍ୱାରା ଲିପାପୋଛା କରିବା, ଝରି କଲମ ଦ୍ୱାରା ପୋଷାକ ଖରାପ ହେବା, ଅଭାବ ଭିତରେ ବି ପାଠ ପଢ଼ିବାର ନିଶା ଏବଂ ଗୁରୁମାନଙ୍କ ଅବଦାନକୁ ମନେ ପକାଇ ବେଶ୍ ଭାବବିହ୍ୱଳ ହୋଇଥିଲେ ରାଷ୍ଟ୍ରପତି।

ସ୍କୁଲରେ ଖାଲି ସମ୍ବୋଧିତ କରି କରିନାହାଁନ୍ତି, ପ୍ରୋଟୋକଲ ଭାଙ୍ଗି ଛାତ୍ରଛାତ୍ରୀ ଓ ନିଜର ବାଲ୍ୟ ବାନ୍ଧବୀଙ୍କୁ ଭେଟି ଭାବବିନିମୟ କରିଛନ୍ତି ରାଷ୍ଟ୍ରପତି। ସାଙ୍ଗରେ ଆଣିଥିବା ଉପହାର ମଧ ବାଣ୍ଟିଛନ୍ତି। ତାହାରି ଭିତରେ ଦେଶର ପ୍ରଥମ ନାଗରିକ ବନିଥିବା ଆଜିର ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଥମରୁ ପଞ୍ଚମ ଯାଏଁ ପଢ଼ାଇଥିବା ଗୁରୁଙ୍କୁ ସାକ୍ଷାତ କରିବାକୁ ଭୁଲିନାହାଁନ୍ତି ମାଡ଼ାମ୍ ପ୍ରେସିଡେଣ୍ଟ। ଯାହାଙ୍କୁ ମଞ୍ଚ ଉପରେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ହାତଯୋଡ଼ି କୃତଜ୍ଞତା ଜଣାଇଛନ୍ତି। ଆଉ ରାଷ୍ଟ୍ରପତି ବନିଥିବା ସେଦିନର ଛାତ୍ରୀ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ନିଜକୁ ଧନ୍ୟ ମନେ କରିଛନ୍ତି ମଦନ ମୋହନ ସାର, କୃତିବାସ ସାର ଓ ବିଶୁ ସାର।

ସ୍କୁଲରେ କାର୍ଯ୍ୟକ୍ରମ ସରିବା ପରେ ରାଷ୍ଟ୍ରପତି ସିଧା ଯାଇଥିଲେ ନିଜ ପୈତୃକ ଘରକୁ ଯେଉଁଠି ଜନ୍ମ ହୋଇଥିଲେ। ମହାମହିମ ରାଷ୍ଟ୍ରପତି ବନିଥିବା ଝିଅକୁ ଦୁବ ଅଡେ ବରକୋଳି ପତ୍ର ସହ ବନ୍ଦାପନା କରି ସ୍ୱାଗତ କରିଥିଲେ ପରିବାର, ଆତ୍ମୀୟ ସ୍ୱଜନ। ଘରେ ପହଞ୍ଚିବା ପରେ ପ୍ରୋଟୋକଲ ଭାଙ୍ଗି ମହିଳାଙ୍କ ସହ ସାନ୍ତାଳି ନୃତ୍ୟରେ ସାମିଲ ହୋଇଥିଲେ। ପରେ ଘରକୁ ଯାଇ ନିଜ ପୁତୁରା ଓ ପୁତୁରା ବୋହୂଙ୍କୁ ହାତରୁ ମଣ୍ଡା ପିଠା ଓ ଆରିଷା ପିଠା ସହ ଖାଇଥିଲେ। ମଧାହ୍ନ ଭୋଜନ ଆଉ ସମସ୍ତଙ୍କୁ ଦିଲ୍ଲୀ ଯିବାକୁ ନିମନ୍ତ୍ରଣ ସହ ରାଷ୍ଟ୍ରପତି ଭବନରୁ ଆଣିଥିବା ଶାଢ଼ୀ ଓ ମିଠା ଦେଇଥିଲେ।

ନିଜ ଘରେ ମଧାହ୍ନ ଭୋଜନ ପରେ ରାଇରଙ୍ଗପୁର ଆସିଥିଲେ। ମହାମହିମ ସେଠାରେ ରାଇରଙ୍ଗପୁର ଡାକ୍ତରଖାନାକୁ ପ୍ରଦତ୍ତ ସ୍ୱର୍ଗରଥ ଆମ୍ବୁଲାନ୍ସ ଏବଂ ରେଡକ୍ରସ୍ ପ୍ରଦତ୍ତ ଆମ୍ବୁଲାନ୍ସକୁ ଲୋକାର୍ପିତ କରିଥିଲେ। ଏହାସହ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଯୋଗଦେଇ ଛାତ୍ରୀଙ୍କୁ ସ୍ୱପ୍ନକୁ ସାକାର କରିବାର ମନ୍ତ୍ର ଦେଇଥିଲେ।

ଅପରାହ୍ନରେ ରାଇରଙ୍ଗପୁର ସ୍ଥିତ ପୂର୍ଣ୍ଣେଶ୍ୱର ଶିବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ ମହାମହିମ। ଇଏ ହେଉଛି ସେହି ମନ୍ଦିର, ଯେବେ ରାଷ୍ଟ୍ରପତି ହେବା ପାଇଁ ତାଙ୍କ ନାଁ ଘୋଷଣା ହେବା ପରେ ମହାଦେବଙ୍କୁ ଦର୍ଶନ କରି ଝାଡୁ ଲଗାଇଥିଲେ। ଆଜି ସେଠାରେ କିଛି ସମୟ ଧରି ପୂଜାର୍ଚ୍ଚନା କରି ନିଜ ମହୁଲଡିହା ଘରକୁ ଯାଇଛନ୍ତି ମହାମହିମ ଯେଉଁଠି ରାତ୍ରୀ ରହଣୀ କରିବେ।

# ଓଡ଼ିଶାରେ ହେବ ୮ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ

**ନୂଆଦିଲ୍ଲୀ/ଭୁବନେଶ୍ୱର,୬।୧୨(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି(ସିସିଇଏ) ବୈଠକରେ ଓଡ଼ିଶାରେ ୮ଟି ଏବଂ ସମଗ୍ର ଦେଶରେ ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଓଡ଼ିଶା ସମେତ ସମଗ୍ର ଦେଶରେ ଉତ୍ତମ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଏହି ନୂଆ ବିଦ୍ୟାଳୟ ମଞ୍ଜୁର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଭାରତ ସରକାର ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଓ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟର ସମ୍ପ୍ରସାରଣ ପାଇଁ ପ୍ରାୟ ୫୮୭୨ କୋଟି ଟଙ୍କା ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରାୟ ୨୩୫୯ କୋଟି ଟଙ୍କା ଖର୍ଚ୍ଚ କରିବେ।ଏହା ଦ୍ୱାରା ଏକବିଂଶ ଶତାବ୍ଦୀର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ



ଉଜ୍ଜ୍ୱଳ ହେବ। ପ୍ରତିଷ୍ଠା ହେବାକୁ ଥିବା ସ୍ଥାନରେ ଶିକ୍ଷାର ଭିତ୍ତିଭୂମିର ବିକାଶ ହେବ। ଛାତ୍ରଛାତ୍ରୀ ବିଶେଷ ଭାବରେ ଏସସି, ଏସଟି ଓ ଓବିସି ବର୍ଗର ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ। ବିଦ୍ୟାଳୟ ସ୍ତରରେ ଶିକ୍ଷାର ମାନରେ ଉନ୍ନତି ହେବ। ଛାତ୍ରଛାତ୍ରୀଙ୍କ ମାନସିକ, ଶାରିରୀକ, କ୍ରିଟିକାଲ ଥିଙ୍କିଂ ସହ ବୌଦ୍ଧିକ କ୍ଷମତା ବିକଶିତ ହେବ। ସ୍ଥାନୀୟ ଅଂଚଳରେ ଅନେକ ନିଯୁକ୍ତି ସୃଷ୍ଟି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଓଡ଼ିଶାର ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ଅନୁଗୋଳ ଜିଲ୍ଲାର ତାଳଚେର ଓ ଆଠମଲ୍ଲିକ, ଢେଙ୍କାନାଳର କାମାକ୍ଷାନଗର, ଖୋର୍ଦ୍ଧା ଜିଲ୍ଲାର ଆଇଟିବିପି ଖୋର୍ଦ୍ଧା, କୋରାପୁଟ ଜିଲ୍ଲାର ଜୟପୁର, ବଲାଙ୍ଗୀର ଜିଲ୍ଲାର ରେଲୱେ ଟିଟିଲାଗଡ଼ ଓ ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହେବାର ନିଷ୍ପତ୍ତି ଦ୍ୱାରା ସ୍ଥାନୀୟ ଲୋକମାନଙ୍କର ଥିବା ଦୀର୍ଘ ଦିନର ଆଶା ଓ ଆପେକ୍ଷା ପୂରଣ ହେବାକୁ ଯାଉଛି। ଓଡ଼ିଶାରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ଏହି ନିର୍ଣ୍ଣୟ ନେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି।

# ଏସିଏଫଙ୍କ ପୁଳା ପୁଳା ସମ୍ପତ୍ତି



- ହୀରାକୁଦ ଏସିଏଫ ରେବତୀ ରମଣ ଯୋଶୀଙ୍କ ୯ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ
- ୪ ଫ୍ଲାଟ୍, ୩ କୋଠା, ୭ ପ୍ଲଟ୍ ଠାବ
- ଘରୁ ଜବତ ହେଲା ୧୫ ଲକ୍ଷ ଟଙ୍କା

ଭୁବନେଶ୍ୱର,୬।୧୨(ମହାଭାରତ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସମ୍ବଲପୁରର ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ (ଏସିଏଫ) ରେବତୀ ରମଣ ଯୋଶୀ। ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ତାଙ୍କର ସମ୍ବଲପୁର ସ୍ଥିତ ସରକାରୀ ବାସଭବନ ସମେତ ୯ଟି ଠିକଣାରେ ଆଜି ଭିଜିଲାନ୍ସ ପକ୍ଷରୁ ଚାଉ କରାଯାଇଛି। ଚଢ଼ାଉ ବେଳେ ସମ୍ବଲପୁର ସ୍ଥିତ ତାଙ୍କ ସରକାରୀ ବାସଭବନରୁ ନଗଦ ୧୪.୫ ଲକ୍ଷ ଟଙ୍କା ଜବତ କରାଯାଇଥିବା ବେଳେ ପୁଳା ପୁଳା ସଂପତ୍ତି ଠାବ କରାଯାଇଛି। ଏସିଏଫ ରେବତୀ ରମଣ ଯୋଶୀଙ୍କର ୩ଟି କୋଠା ଅଛି। ସେଥିରୁ ଗୋଟିଏ ତିନି ମହଲା ବିଶିଷ୍ଟ, ଯାହା ସମ୍ବଲପୁର ସହରର ଅଇଁଠାପାଲିରେ ଅଛି। ସମ୍ବଲପୁରରେ ତାଙ୍କର ଏକ କମର୍ସିଆଲ ବିଲଡିଂ ଅଛି। ଏହାକୁ ସେ ଭଡ଼ାରେ ଲଗାଇଛନ୍ତି। ପଦ୍ମପୁରରେ ତାଙ୍କର ଗୋଟିଏ ଏକ ମହଲା ବିଶିଷ୍ଟ ଘର ଅଛି।

ଏହା ସହିତ ତାଙ୍କର ୪ଟି ଫ୍ଲାଟ୍ ଅଛି। ଗୋଟିଏ ଫ୍ଲାଟ ଭୁବନେଶ୍ୱରର ଘାଟିକିଆର ରୋୟାଲ ଆପାର୍ଟମେଣ୍ଟରେ ଅଛି। ଆଉ ଗୋଟିଏ ୩-ବିଏଚକେ ବିଶିଷ୍ଟ ଫ୍ଲାଟ ସେ ସମ୍ବଲପୁରର ଫାର୍ମ ରୋଡ୍ ସ୍ଥିତ ସିଟି ପ୍ରାଇଡ୍ ଆପାର୍ଟମେଣ୍ଟରେ କିଣିଛନ୍ତି। ସମ୍ବଲପୁରର ଚର୍ଚ୍ଚ ଛକରେ ବ୍ରିକ୍ସାମ ହାଉସିଂ ସୋସାଇଟିରେ ତାଙ୍କର ଦୁଇଟି ୨-ବିଏଚକେ ଫ୍ଲାଟ୍ ଅଛି।

ରେବତୀ ରମଣ ଯୋଶୀଙ୍କର ୭ଟି ପ୍ଲଟ ଅଛି। ସେଥିରୁ ୪ଟି ସମ୍ବଲପୁର ସହରରେ ଥିବା ବେଳେ ବାକି ୩ଟି ବରଗଡ଼ ଜିଲ୍ଲା ପଦ୍ମପୁରରେ ଅଛି। ଏହି ସବୁ କୋଠା, ଫ୍ଲାଟ ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ କରାଯାଉଛି। ସେହିପରି ତାଙ୍କ ଘରୁ ୧୫୦ ଗ୍ରାମର ସୁନା ଅଳଙ୍କାର ଓ ୩୦୦ ଗ୍ରାମର ରୁପା ଅଳଙ୍କାର ମିଳିଛି। ତାଙ୍କ ବ୍ୟାଙ୍କ, ବୀମା ଓ ଡାକଘର ଜମା ବାବଦ ରାଶି ସଂପର୍କରେ ଯାଞ୍ଚ ଜାରି ରହିଛି।

# କନଷ୍ଟେବଲ ନିଯୁକ୍ତିରେ ବୟସସୀମା ୬ ବର୍ଷ କୋହଳ

**କଟକ,୬।୧୨(ମହାଭାରତ):** ଓଡ଼ିଶା ହାଇକୋର୍ଟ ଓଡ଼ିଶା ପୁଲିସ ବାହିନୀର ବିଭିନ୍ନ ବାଟାଲିୟନ୍‌ରେ ସିପାହୀ ଓ କନଷ୍ଟେବଲ ନିଯୁକ୍ତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ଆଶାୟୀଙ୍କୁ ବୟସ ସୀମାରୁ ବଡ଼ ଆଶ୍ୱସ୍ତି ମିଳିଛି। ସିପାହୀ ଓ କନଷ୍ଟେବଲ ପଦବୀ ପାଇଁ ଥିବା ଧାର୍ଯ୍ୟ ସର୍ବାଧିକ ବୟସ ସୀମା ୬ ବର୍ଷ କୋହଳ କରିବାକୁ ହାଇକୋର୍ଟ ରାୟ ଦେଇଛନ୍ତି।ତେବେ ଏହା କେବଳ ଚଳିତ ଥର ପାଇଁ ଲାଗୁ ହେବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

ହାଇକୋର୍ଟଙ୍କ ଏହି ରାୟ ପରେ ୨୨ ସେପ୍ଟେମ୍ବର ୨୦୨୪ରେ ୧୩୬୦ଟି ସିପାହୀ ଓ କନଷ୍ଟେବଲ ପଦବୀ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ସର୍ବାଧିକ ବୟସ ସୀମା ୬ ବର୍ଷ କୋହଳ କରି ଓଡ଼ିଶା ପୁଲିସ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସିପାହୀ ଓ କନଷ୍ଟେବଲ ପଦବୀ ପାଇଁ ଆବେଦନ କରିଥିବା ସମସ୍ତ ବର୍ଗର ପ୍ରାର୍ଥୀଙ୍କୁ ଏହି ସୁବିଧା ମିଳିବ ୨୦୧୮ ମସିହାରେ ଶେଷ ଥର ପାଇଁ ଏହି ପଦବୀ ପାଇଁ ନିଯୁକ୍ତି ହୋଇଥିବା ବେଳେ କରୋନା ମହାମାରୀ ଯୋଗୁ ପାଖାପାଖି ୬ ବର୍ଷ ଧରି ନିଯୁକ୍ତି ପାଇଁ ଆଉ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲା।

# ନୂଆ ପରୀକ୍ଷା ବିଲ୍ ପାରିତ

**ଭୁବନେଶ୍ୱର,୬।୧୨(ମହାଭାରତ):** ପରୀକ୍ଷାରେ ହେରଫେର୍ ରୋକିବାକୁ ରାଜ୍ୟ ସରକାର ନୂଆ ବିଲ୍ ଆଣିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍-୨୦୨୪ ଉପସ୍ଥାପନ କରିଥିବାବେଳେ ଏହା ପାରିତ ହୋଇଛି। ପରୀକ୍ଷାରେ ଅନିୟମିତତା ସହ ତ୍ରୁଟି ରୋକିବାକୁ ରାଜ୍ୟ ସରକାର ଏହି ବିଲ୍ ଆଣିଛନ୍ତି। ନୂଆ ବିଲ୍‌ରେ କଠୋର ଦଣ୍ଡବିଧାନ ସହ ଜରିମାନା ବ୍ୟବସ୍ଥା ରହିଛି।



ଯଦି କୌଣସି ବ୍ୟକ୍ତି ବା ଅଧିକାରୀ ଏହି ଅଧିନିୟମ ଅଧୀନରେ ନିଯୁକ୍ତି ପରୀକ୍ଷାରେ ହେରଫେର୍ କରନ୍ତି ତେବେ ଅତି କମରେ ତିନି ବର୍ଷରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ ହେବେ। ଜରିମାନା ପ୍ରଦାନରେ ଖିଲାପ କଲେ ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ବ୍ୟବସ୍ଥା ଅନୁସାରେ ଅତିରିକ୍ତ କାରାଦଣ୍ଡରେ ଦଣ୍ଡିତ କରାଯିବ। ସମସ୍ତ ଦଣ୍ଡ ବିଧାନ ଜାମିନ ବିହୀନ ରହିବ ଏଭଳି ମାମଲାରେ କେଣସି ପ୍ରକାର ସମାଧାନ କରାଯିବ ନାହିଁ।

ସେବା ଯୋଗାଣକାରୀ ଦୋଷୀ ସାବ୍ୟସ୍ତ ହେଲେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ ହେବେ। ସେବା ଯୋଗାଣକାରୀ ସଂସ୍ଥାଠାରୁ ପରୀକ୍ଷା ଖର୍ଚ୍ଚ ମଧ୍ୟ ଆଦାୟ କରାଯିବ। ଦୋଷୀ ସଂସ୍ଥାକୁ ଚାରି ବର୍ଷ ପର୍ଯ୍ୟନ୍ତ କୌଣସି ସାର୍ବଜନୀନ ପରୀକ୍ଷା ସଂଚାଳନ ପାଇଁ ସ୍ୱୀକୃତି ମିଳିବ ନାହିଁ। ଯଦି କୌଣସି ଅନୁଷ୍ଠାନ ସଂଗଠିତ ଅପରାଧ କରିବାରେ ସମ୍ପୃକ୍ତ ଥିବେ,ତେବେ ସେହି ଅନୁଷ୍ଠାନର ସ୍ଥାବର ଅସ୍ଥାବର ସମ୍ପତ୍ତି ଜବତ କରାଯାଇ ସେସବୁକୁ ବାଜ୍ୟାପ୍ତ କରାଯାଇ ପରୀକ୍ଷା ଖର୍ଚ୍ଚ ଭରଣା କରାଯିବ।

ଯଦି ଅନୁସନ୍ଧାନ ସମୟରେ କୌଣସି ନିର୍ଦ୍ଦେଶକ, ବରିଷ୍ଠ ପରିଚାଳନା କିମ୍ବା ସେବା ଯୋଗାଣକାରୀ ସଂସ୍ଥାର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ସହମତି କିମ୍ବା ସହଯୋଗରେ ଅପରାଧ ଘଟିଥିବା ଜଣାପଡ଼େ ତେବେ ଅଧିକାରୀଙ୍କୁ ଅତି କମରେ ତିନିବର୍ଷରୁ ଆରମ୍ଭକରି ୧୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଏବଂ ଏକ କୋଟି ଟଙ୍କା ଜରିମାନାରେ ଦଣ୍ଡିତ କରାଯିବ। ଜରିମାନା ପୈଠରେ ଖିଲାପ କଲେ ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ବ୍ୟବସ୍ଥା ଅନୁଯାୟୀ ଅତିରିକ୍ତ କାରାଦଣ୍ଡରେ ଦଣ୍ଡିତ କରାଯିବ। ମାମଲାର ତଦନ୍ତ ଜଣେ ଡିଏସପି ବା ଏସିପି ପଦବୀଧାରୀ ଅଧିକାରୀ କରିବେ। ଏହି ବିଲ୍ ଉପସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମୋ ସରକାର ଏକ ଉତ୍ତରଦାୟୀ ସରକାର ଏ ସରକାର ସ୍ୱଚ୍ଛତା, ସାଧୁତା, ନିରପେକ୍ଷତା ଏବଂ ସମାନତାରେ ବିଶ୍ୱାସ କରେ। ଗୋଟିଏ ଜାତି ଆଗକୁ ବଢ଼ିବା ପାଇଁ ଅନେକ ଉପାଦାନ ଆବଶ୍ୟକ କରେ ଓଡିଆ। ଜାତିକୁ ମଧ ଇନ୍ଧନ ଦରକାର ବିଗତ ପଚିଶ ବର୍ଷରେ ସରକାରୀ ଉଦାସୀନତା ଅନେକ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ସୁଯୋଗ ଦେବାରୁ ବଞ୍ଚିତ କରିଛି। ସରକାରୀ କ୍ଷେତ୍ରରେ ନିଯୁକ୍ତି ବ୍ୟବସ୍ଥାକୁ ସ୍ଥାଣୁ କରିଦେଇଥିବା ପୂର୍ବ ସରକାରଙ୍କ ଲିଗାସୀକୁ ଭାଙ୍ଗିବାକୁ ପଡିବ।

# ଡେପୁଟେସନ ନାଁରେ ଗାଦି ମାଡ଼ି ବସିଛନ୍ତି ମହିଳା କୋଚ୍

**ଭୁବନେଶ୍ୱର, ୬।୧୨ (ମହାଭାରତ):** ରାଜ୍ୟ ସରକାର କ୍ରୀଡ଼ାକୁ ଅଗ୍ରାଧିକାର ଦେଉଥିବାବେଳେ ମହିଳା କୋଚଙ୍କ ଅଭାବ ପରିଲକ୍ଷିତ ହେଉଛି। ଫଳରେ କ୍ରୀଡ଼ାବିତମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ପ୍ରଶ୍ନ ଉଠୁଛି ଡେପୁଟେସନରେ ଆସିଥିବା ମହିଳା କୋଚ୍‌ଙ୍କୁ କାହିଁକି ଦିଆଯାଉନି ନିଯୁକ୍ତି ? ଓଡ଼ିଶାରେ

## ମହିଳା କୋଚ୍ ଅପେକ୍ଷାରେ ସୁନ୍ଦରଗଡ ମହିଳା ସ୍ପୋର୍ଟସ ହଷ୍ଟେଲ

ମାତ୍ର ୨ ମହିଳା କୋଚ୍ ଥିବାରୁ କେମିତି ଉନ୍ନତ ପ୍ରଶିକ୍ଷଣ ପାଇବେ କ୍ରୀଡ଼ାବିତ ? ବିଭାଗର ମନମାନୀ ପାଇଁ ଆଜି ପ୍ରଶ୍ନ ଉଠାଇଲେଣି ଖେଳାଳି।

ଦାବି ଉଠିଲାଣି କୋଚ୍‌ଙ୍କୁ ନିଯୁକ୍ତି ପୂର୍ବରୁ କିଛି ସର୍ତ୍ତ ରଖାଯାଉ। ସମସ୍ତେ ନିଯୁକ୍ତି ପୂର୍ବରୁ ସେହି ସର୍ତ୍ତ ଅନୁସାରେ କାର୍ଯ୍ୟ କରିବେ ଫଳରେ ମହିଳା କୋଚ ଅଭାବ ଦୂର ହେବ।

ରାଜ୍ୟରେ କ୍ରୀଡ଼ାକୁ ବେସ ଅଧିକ ଗୁରୁତ୍ୱ ଦିଆଯାଉଛି। ଖାସ କରି ମହିଳା ଖେଳାଳି ମାନଙ୍କୁ ମଧ ସରକାର ଅନେକ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ କ୍ରୀଡ଼ା ବିଭାଗର କିଛି ଅଧିକାରୀ ମାନଙ୍କ ପାଇଁ ଆଜି କ୍ରୀଡ଼ା ବ୍ୟବସ୍ଥା ମାଟିକାମୁଡିବାକୁ ବସିଲାଣି। ଗୋଟିଏ ପଟେ ରାଜ୍ୟରେ ମହିଳା କୋଚ ଅଭାବ ଓ ଅନ୍ୟପଟେ ବର୍ଷ ବର୍ଷ ଧରି ଭୁବନେଶ୍ୱର ହଷ୍ଟେଲରେ ଗାଦି ମାଡ଼ି ବସିଛନ୍ତି ଜଣେ ମହିଳା କୋଚ। ନିୟମ ରହିଛି ୩ ବର୍ଷରେ ଥରେ କୋଚ୍ ମାନଙ୍କୁ ବଦଳି କରାଯିବା କଥା। କିନ୍ତୁ ମ୍ୟାଡାମ ଜଣକ ଏଠି ୧୨ ରୁ ୧୩ ବର୍ଷ ହେଲା ଅଛନ୍ତି। ଏହା କେମିତି ସମ୍ଭବ। କାହା ସୁପାରିଶ ନା କାହାର ଚାପ ଫଳରେ ସେ ଏଠାରେ ଦୀର୍ଘ ବର୍ଷ ହେଲା ରହିଛନ୍ତି। କୁହାଯାଉଛି କେହି ଜଣେ ପଣ୍ଡା ବାବୁ ତାଙ୍କୁ ସୁରକ୍ଷା ଦେଉଛନ୍ତି ଯାହାଙ୍କ ପାଇଁ ସେ ବିନା ଟେନସନ୍ ରେ ଏଠାରେ କାର୍ଯ୍ୟରତ।



ସୁନ୍ଦରଗଡରେ ମହିଳା ସ୍ପୋର୍ଟସ ହଷ୍ଟେଲରେ ନାହାନ୍ତି ମହିଳା କୋଚ୍। ସେଠାରେ ଜଣେ ପୁରୁଷ କୋଚଙ୍କ ନିଯୁକ୍ତି ମିଳିଛି। ଫଳରେ ଅସନ୍ତୋଷ ମଧ ପ୍ରକାଶ ପାଇଛି। କାରଣ ମହିଳା ଖେଳାଳିମାନଙ୍କର ଅନେକ ସମୟରେ ଅଭ୍ୟାସ ବେଳେ ନାନା ଶାରୀରିକ ସମସ୍ୟା ଉପୁଜି ଥାଏ ଯାହାକୁ ଜଣେ ମାହିଳା କୋଚ ହିଁ ବୁଝି ଥାନ୍ତି। କିନ୍ତୁ ଭୁବନେଶ୍ୱରରେ ଏହି ମହିଳା କୋଚ୍ ଜଣକ ଦୀର୍ଘ ଦିନ ହେବ ଥିଲେ ମଧ କାହିଁକି ତାଙ୍କୁ ସୁନ୍ଦରଗଡକୁ ନ ପଠାଯାଇ ଏଠାରେ ରଖାଯାଇଛି ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ କଲେଣି। କ୍ରୀଡା ବିଭାଗରେ ଏଭଳି ମନମାନୀ କାର୍ଯ୍ୟକୁ ମଧ ବେଶ ନିନ୍ଦା କଲେଣି କ୍ରୀଡାବିତ୍ ମାନେ। ଯେଉଁ ଦିଗ ଉପରେ ଆମେ ଗୁରୁତ୍ୱ ଦେଉଛୁ ତାହା ହେଲା କ୍ରୀଡା ବିଭାଗରେ ଅଦୃଶ୍ୟ ଚାପ। ସମସ୍ତେ ଚାହାନ୍ତି ଭୁବନେଶ୍ୱର ଭଳି ଏକ ସହରରେ ରହି ଚାକିରୀ କରିବା ପାଇଁ କିନ୍ତୁ ତା ଅର୍ଥ ନୁହେଁ ବର୍ଷ ବର୍ଷ ଧରି ଜଣକୁ ସେହି ଯାଗାରେ ରଖାଯିବ ଓ ଅନ୍ୟ ଜିଲ୍ଲାରେ ଖେଳାଳି ମାନେ ଉପଯୁକ୍ତ ତାଲିମ ପାଇବାରୁ ବଞ୍ଚିତ ହେଉଥିବେ। ଯେଉଁ ମାନେ ଡେପୁଟେସନରେ ଆସୁଛନ୍ତି ସେମାନେକରୁଛନ୍ତି କଣ ? କେବଳ ଡେପୁଟେସନ ବାହାନାରେ ନିଜର ମନମାନୀ ଚଳାଉଛନ୍ତି ମହିଳା କୋଚ ମାନେ। ତେଣୁ ଦାବି ଉଠିଛି ଯେଉଁ କୋଚ ମାନଙ୍କୁ ନିଯୁକ୍ତି ଦିଆଯାଉଛି ସେମାନଙ୍କ ସହ ନିଯୁକ୍ତି ପୂର୍ବରୁ ଏକ ଚୁକ୍ତି ହେବା ଆବଶ୍ୟକ। ଯେଉଁ ଚୁକ୍ତିରେ ପୋଷ୍ଟିଂ ସହ କିଛି ନିର୍ଦ୍ଦିଷ୍ଟ ନିୟମାବଳୀକୁ ସ୍ଥାନିତ କରାଯିବ। ନିଯୁକ୍ତି ସମୟରେ ଏହି ଚୁକ୍ତିନାମା ଅନୁସାରେ ନିୟମ ମାନି କାର୍ଯ୍ୟ କରିବାକୁ ହେବ। ଫଳରେ ଖେଳାଳି ମାନଙ୍କ ପାଇଁ ଏହା ଏକ ଭଲ ପଦକ୍ଷପ ହେବା ସହିତ ରାଜ୍ୟରେ ଖେଳ ଓ ଖେଳାଳିଙ୍କୁ ଉଚିତ ନ୍ୟାୟ ମିଳି ପାରିବ ବୋଲି ଆଶା କରାଯାଉଛି। କ୍ରୀଡା ବିଭାଗ ଓ ସରକାର ଏବେ ଏଥିପ୍ରତି ଧ୍ୟାନ ଦେବା ସହିତ ତୁରନ୍ତ ଏହି ସମସ୍ୟାର ସମାଧାନ କରି ଭୁବନେଶ୍ୱରରେ ଦୀର୍ଘ ବର୍ଷ ହେଲା ଗାଦି ମାଡି ବସିଥିବା ମହିଳା କୋଚଙ୍କୁ ସୁନ୍ଦରଗଡକୁ ବଦଳି କରିବାକୁ ବିଭିନ୍ନ ମହଲରୁ ଅନୁରୋଧ କରାଯାଇଛି। ଦେଖିବାକୁ ବାକି ରହିଲା କେବେ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବିଭାଗ।

# ବିଧାନସଭାରେ ପୋଲାଭରମ ଝଡ଼

ଭୁବନେଶ୍ୱର,୬।୧୨(ମହାଭାରତ): ବିଧାନସଭାରେ ଆଜି 'ପୋଲାଭରମ ପ୍ରକଳ୍ପ'କୁ ନେଇ ବିରୋଧୀ ଓ ଶାସକ ସଭ୍ୟ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ କଂଗ୍ରେସ ସହ ସ୍ୱର ମିଳାଇ ବିଜେଡି ଆଜି ଗୃହରେ ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗରେ ମୁଲତବୀ ଆଲୋଚନା ଦାବି କରି ଗୃହରେ ହଟ୍ଟଗୋଳ କରିବାରୁ ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

ଆଜି ବିଧାନସଭାରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ କଂଗ୍ରେସ ବିଧାୟକମାନେ ଗୃହର ମଧଭାଗକୁ ଆସି ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗରେ ସେମାନଙ୍କ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ବାଚସ୍ପତି ସୁରମା ପାଢ଼ୀ ଖାରଜ କରିବାକୁ ଜୋରଦାର ଢଙ୍ଗରେ ବିରୋଧ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିଜ ଆସନରେ ଛିଡ଼ା ହୋଇ ଗୃହକୁ ଅର୍ଡରକୁ ଆଣିବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ ମଧ କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଗୃହକୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଘୋଷଣା କରିଥିଲେ ଯେ, ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗ କୋର୍ଟଙ୍କ ବିଚାରାଧୀନ ଥିବାରୁ ବିଧାନସଭାର ବିଧି ବ୍ୟବସ୍ଥା ଅନୁସାରେ କଂଗ୍ରେସ ଏହା ଉପରେ ଦେଇଥିବା ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟ ହୋଇଛି। ଗତକାଲି କଂଗ୍ରେସ ପକ୍ଷରୁ ଏହି ମୁଲତବୀ ନୋଟିସ୍ ଦିଆଯିବା ପରେ ତାକୁ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଥିଲା। କିନ୍ତୁ ଘଟଣା କୋର୍ଟରେ ବିଚାରାଧୀନ ଥିବାରୁ ବିଧାନସଭାର ବିଧି ବ୍ୟବସ୍ଥା ଅନୁସାରେ ବିଚାରାଧୀନ ପ୍ରସଙ୍ଗ ଗୃହରେ ଆଲୋଚନା ହୋଇପାରିବ ନାହିଁ। ତେଣୁ ପୋଲାଭରମ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଅଗ୍ରାହ୍ୟ କରାଗଲା ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ଘୋଷଣା କରଇଥିଲେ। ମାତ୍ର ଗୃହରେ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ପୁଣିଥରେ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

## ଦହି ପୋଦିନା ମାଛ

**ଆବଶ୍ୟକ ସାମଗ୍ରୀ:**ରୋହି ମାଛ-୧ କିଲୋ, ଦହି-୧ କପ୍, ସୋରିଷ ବଟା-୧ କପ୍,୧/୨ ଚାମଚ ହଳଦି ଗୁଣ୍ଡ, ପୋଦିନା ବଟା- ୧କପ୍, ୨ ଚାମଚ କଟା ପିଆଜ, କଞ୍ଚା ଲଙ୍କା ୩ରୁ ୪ଟି, ଖୁଖିଲା ଲଙ୍କା-୩ରୁ ୪ଟି, ସ୍ୱାଦ ଅନୁଯାୟୀ ଲୁଣ ଓ କିଛି ଫୁଟଣ। ପୋଦିନା ପତ୍ର, କଞ୍ଚା ଲଙ୍କା, ଦହି ଓ ରସୁଣ ମିଶାଇ ପୋଦିନା ପେଷ୍ଟ ତିଆରି କରନ୍ତୁ। ସେହିପରି ସୋରିଷ, ରସୁଣ ଓ କଞ୍ଚାଲଙ୍କା ମିଶାଇ ସୋରିଷ ବଟା ତିଆରି କରନ୍ତୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ସେଥିରେ ଦହି, ସୋରିଷ ବଟା, ହଳଦି ଗୁଣ୍ଡ, ପୋଦିନା ବଟା, କଟା ପିଆଜ, କଞ୍ଚା ଲଙ୍କା, ୨ରୁ ୩ ଚାମଚ ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଅନ୍ କରି କଡେଇ ବସାନ୍ତୁ। ସେଥିରେ ୩ରୁ ୪ ଚାମଚ ତେଲ ପକାନ୍ତୁ। ତେଣ ଗରମ ହେବା ପରେ ସେଥିରେ ଫୁଟଣ ପକାନ୍ତୁ ଓ ତା'ପରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ ମାଛର ମିଶ୍ରଣକୁ ସେଥିରେ ପକାଇ ଅଳ୍ପ ଗୋଳାଇ ଢ଼ାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ପ୍ଲେଟକୁ କାଢ଼ି ଗରମ ଗରମ ପରଷନ୍ତୁ ଦହି ପୋଦିନା ମାଛ।



**ଖବର**

## ପ୍ରତିକ୍ଷୀତ ୱେବ୍ ସିରିଜ୍ ଗ୍ୟାଙ୍ଗସ୍ ଅଫ୍ ପୁରୀ ସିଜନ ୨ର ମହୂରତ



ଗ୍ୟାଙ୍ଗସ୍ ଅଫ୍ ପୁରୀର ସିଜନ ୨ ମହୂରତ ଅନୁଷ୍ଠିତ ହୋଇଯାଇଛି। ଟେକ୍ନୋଆର୍ଟ ପ୍ରଡକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଏହି ବହୁ ପ୍ରତୀକ୍ଷିତ ସିକ୍ୱେଲର ପ୍ରିମିୟର୍ ସ୍ୱତନ୍ତ୍ର ଭାବେ କଞ୍ଚା ଲଙ୍କା ଓଟିଟିରେ ହେବାକୁ ଯାଉଛି। ଚଳଚ୍ଚିତ୍ର ନିର୍ମାତା ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ଗ୍ୟାଙ୍ଗସ୍ ଅଫ୍ ପୁରୀ'ର ଦ୍ୱିତୀୟ ସିଜିନ୍ 'ଗ୍ୟାଙ୍ଗସ୍ ଅଫ୍ ପୁରୀ'ର: ସିଜିନ୍ ୧ କାହାଣୀକୁ ସମୃଦ୍ଧ କରିବ। ପ୍ରଥମ ସିଜିନ ଓଡ଼ିଶାର ଉପକୂଳବର୍ତ୍ତୀ ଅଂଚଳର କ୍ଷମତାର ସଙ୍ଘର୍ଷ, ଜଟିଳ ପ୍ରତିଦ୍ୱନ୍ଦ୍ୱିତା ଏବଂ ଅନ୍ଧକାରରେ ଥିବା ରହସ୍ୟକୁ ଅନୁଧ୍ୟାନ କରିଥିବା ବାସ୍ତବବାଦୀ କାହାଣୀ, ଚମତ୍କାର ଅଭିନୟ ଏବଂ ଚି□ାକର୍ଷକ ଚିତ୍ରଗ୍ରହଣ ପାଇଁ ସମାଲୋଚିତ ହୋଇଥିଲା। ପୁରୀର ଜଟିଳ ସାମାଜିକ-ରାଜନୈତିକ ଦୃଶ୍ୟପଟର ପ୍ରାମାଣିକ ଚିତ୍ରଣ ପାଇଁ ଏହା ଦର୍ଶକ ଓ ସମାଲୋଚକଙ୍କ ପ୍ରଶଂସା ସାଉଁଟିବା ସହ ଓଡ଼ିଆ ବିଷୟବସ୍ତୁ ଶିଳ୍ପରେ ଏକ ଯୁଗାନ୍ତକାରୀ ରୂପରେ ଉଭା ହୋଇଥିଲା।ଏଭଳି ଏକ ଶୁଭ ସୂଚନାରେ ଗ୍ୟାଙ୍ଗସ୍ ଅଫ୍ ପୁରୀର ସିଜିନ୍ ୨ ଆରମ୍ଭ କରି ଆମେ ବେଶ୍ ରୋମାଞ୍ଚିତ। ପ୍ରଥମ ସିଜିନକୁ ମିଳିଥିବା ଜବରଦସ୍ତ ପ୍ରତିକ୍ରିୟା ଆମକୁ କାହାଣୀ, ଭିଜୁଆଲ ଏବଂ ନାଟକରେ ଆହୁରି ଆଗକୁ ବଢ଼ାଇବାକୁ ପ୍ରେରଣା ଦେଇଛି । ବୋଲି ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ କହିଛନ୍ତି। ଏହି ଧାରାବାହିକର ସୁଟିଂ ୧୧ ଡିସେମ୍ବର ୨୦୨୪ରୁ ଆରମ୍ଭ ହେବ ଏବଂ ମାର୍ଚ୍ଚ ୨୦୨୫ ସୁଦ୍ଧା ଷ୍ଟ୍ରିମିଂ ହେବ । ବୋଲି ଆଁଶା କରାଯାଉଛି ବୋଲି ଟେକ୍ନୋଆର୍ଟ ପ୍ରଡକ୍ସନ୍ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ବର୍ଷା ପଟ୍ଟନାୟକ କହିଛନ୍ତି।ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କଁଞ୍ଚା ଲଙ୍କା ଅଧ୍ୟକ୍ଷ ଅକ୍ଷୟ କୁମାର ପରିଡା, ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ପ୍ରଯୋଜକ ବର୍ଷା ପଟ୍ଟନାୟକ ଏବଂ ସିଜନ ୧ରେ ଅଭିନୟ କରିଥିବା କଳାକାର ଯଥା ଚୌଧୁରୀ ଜୟପ୍ରକାଶ ଦାସ, ରବି ନାରାୟଣ ମିଶ୍ର, କେକେ ଓରଫ ବାବୁ ଜେନା, ଅମନ, ହର ରଥ, ଗେଡାନା । ସିଜନ ୨ ପାଇଁ ଦଳରେ ଯୋଡି ହେଇଛନ୍ତି ଦୀପାନ୍ୱିତ ଦାସମହାପାତ୍ର, ନିଶାନ୍ତ ମଜିଠିଆ, ସୋମା ହୋତା, ପ୍ରିୟମ୍ବଦା ଓ ମନ୍ମୟ ଦେୟ ପ୍ରଥମ ସିଜନର ସଫଳତା ଉପରେ ଆଲୋକପାତ କରି ଅଧ୍ୟକ୍ଷ ଅକ୍ଷୟ କୁମାର ପରିଜା କହିଥିଲେ ଯେ, ଗ୍ୟାଙ୍ଗସ୍ ଅଫ୍ ପୁରୀ ଏହାର ଆ□ଳିକ ସଂସ୍କୃତିର ପ୍ରାମାଣିକ ଚିତ୍ରଣ ସହିତ ଓଡ଼ିଆ ଡିଜିଟାଲ ବିଷୟବସ୍ତୁ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛି। ସିଜିନ୍-୨ ଅଧିକ ତୀବ୍ର ଡ୍ରାମା ଓ ଷ୍ଟାର୍ ପରଫରମାନ୍ସ ସହ ଓଡ଼ିଆ ଗଳ୍ପକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ କଞ୍ଚା ଲଙ୍କାରେ ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିବ ।ଧାରାବାହିକର ପ୍ରଶଂସକମାନେ ସିଜିନ-୨ରେ ଗଭୀର ରହସ୍ୟକୁ ଉନ୍ମୋଚନ କରିବା, ଚରିତ୍ରମାନଙ୍କ ନୂତନ ମେ□ ଏବଂ ବିଶ୍ୱାସଘାତକତାକୁ ସାମ୍ନା କରିବା ଏବଂ ହାଇ-ଆକ୍ସନ ଡ୍ରାମା ଅନୁଭବ କରିବାକୁ ଅପେକ୍ଷା କରିପାରିବେ।

## ସାରନାଥର 'ଧର୍ମଚକ୍ର'



ସାରନାଥଠାରେ ଅଶୋକ ଚକ୍ର 'ସିଂହ ସ୍ତମ୍ଭ' ଭାରତୀୟ ସଂଘରାଜ୍ୟର ପ୍ରତୀକ ଅଟେ। ଏଥିରେ ବେଦବାକ୍ୟ 'ସତ୍ୟମେବ ଜୟତେ' ଲିଖିତ ହୋଇଛି। ଏଠାରେ ଚାରୋଟି ଚକ୍ର ରହିଛି। ଚାରି ଚକ୍ରରେ ଚାରୋଟି ସିଂହ ଧାବମାନ ସଦୃଶ ଦୃଶ୍ୟମାନ ହେଉଛନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନେ ଏହି ଚକ୍ରକୁ 'ଜ୍ଞାନ ଚକ୍ର' ଭାବେ କହୁଥିବା ବେଳେ ସମ୍ରାଟ୍ ଅଶୋକ ଏହାକୁ 'ଧର୍ମଚକ୍ର' କହିଥାନ୍ତି।

କାଶୀଠାରୁ ସାତ ମାଇଲ ଦୂର ପୂର୍ବରେ ବୌଦ୍ଧଧର୍ମର ପ୍ରାଚୀନ ତୀର୍ଥ ସାରନାଥ ଅବସ୍ଥିତ। ଜ୍ଞାନ ପ୍ରାପ୍ତି ପରେ ଭଗବାନ ବୁଦ୍ଧ ତାଙ୍କ ଭକ୍ତମାନଙ୍କୁ ଏହିଠାରେ ପ୍ରାରମ୍ଭିକ ଉପଦେଶ ପ୍ରଦାନ କରିଥିଲେ। ଏଠାରେ ସାରଙ୍ଗନାଥ ମହାଦେବଙ୍କ ମନ୍ଦିର ବିଦ୍ୟମାନ। ସାରନାଥଠାରେ ଅଶୋକଙ୍କ ଚତୁର୍ମୁଖ ସିଂହସ୍ତମ୍ଭ, ଭଗବାନ ବୁଦ୍ଧଙ୍କ ମନ୍ଦିର, ଧର୍ମେଖ ସ୍ତୁପ, ଚୌଖଣ୍ଡୀ ସ୍ତୁପ, ରାଜକୀୟ ସଂଗ୍ରହାଳୟ, ଜୈନ ମନ୍ଦିର, ଚୀନୀ ମନ୍ଦିର ପ୍ରଭୃତି ଅବସ୍ଥିତ। ଏହି ସ୍ଥାନର ପ୍ରାଚୀନ ନାମ ଥିଲା ଋଷିପତନ କିମ୍ବା ମୃଗଦାବ (ହରିଣଙ୍କ ଜଙ୍ଗଲ)। ଏହିଠାରେ ଋଷିମାନଙ୍କ ପତନ ପରେ ମୃଗମାନେ ବିଚରଣ କରୁଥିବା ଆଧାରରେ ଏହି ସ୍ଥାନର ନାମ ମୃଗଦାବ ରଖା ଯାଇଥିଲା। ପରବର୍ତ୍ତୀ ସମୟରେ ଏହି ସ୍ଥାନର ନାମ ସାରନାଥର ଉତ୍ପତ୍ତି 'ସାରଙ୍ଗନାଥ (ମୃଗଙ୍କ ନାଥ)ରୁ ହୋଇଥିଲା। କୁହାଯାଏ ଯେ ବୋଧିସତ୍ତ୍ୱଙ୍କର କୌଣସି ପୂର୍ବଜ, ଯେତେବେଳେ ମୃଗଦାବଠାରେ ମୃଗମାନଙ୍କର ରାଜାଥିଲେ, ସେ ନିଜର ପ୍ରାଣବଳିଦେଇ ଏକ ଗର୍ଭବତୀ ହରିଣର ଜୀବନ ବଞ୍ଚାଇଥିଲେ। ଏହି କାରଣରୁ ଉକ୍ତ ସ୍ଥାନକୁ ସାର କିମ୍ବା ସାରଙ୍ଗ (ମୃଗ) ନାଥ କୁହାଯାଏ। ରାୟ ବାହାଦୁର ଦୟାରାମ ସାହାଣୀଙ୍କ ଅନୁସାରେ ଭଗବାନ ଶିବଙ୍କୁ ମଧ୍ୟ ସାରଙ୍ଗନାଥ କୁହାଯାଏ ଏବଂ ମହାଦେବ ଶିବଙ୍କ ନଗରୀ କାଶୀ ନିକଟବର୍ତ୍ତୀ ହୋଇଥିବା କାରଣରୁ ଏହି ସ୍ଥାନ ଶିବ ଉପାସନାର ପ୍ରମୁଖ ସ୍ଥଳ ଥିଲା।

## ହିନ୍ଦୁ ଧର୍ମରେ ଗର୍ଭାଧାନ ସଂସ୍କାର



ହିନ୍ଦୁ ଧର୍ମରେ ବିଭିନ୍ନ ସଂସ୍କାର ରହିଛି। ସେଥିମଧ୍ୟରୁ ପ୍ରଥମ ହେଉଛି ଗର୍ଭାଧାନ ସଂସ୍କାର। ଏହିଠାରୁ ଶିଶୁର ନିର୍ମାଣ ହୋଇଥାଏ। ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପରେ ଦମ୍ପତିଙ୍କୁ ପୁତ୍ର ଉତ୍ପନ୍ନ କରିବାର ମାନ୍ୟତା ଦିଆଯାଇଛି। ତେଣୁ ଶାସ୍ତ୍ରରେ କୁହାଯାଇଛି ଯେ, ଉତ୍ତମ ସନ୍ତାନପ୍ରାପ୍ତି ନିମନ୍ତେ ସର୍ବପ୍ରଥମେ ଗର୍ଭାଧାନ ସଂସ୍କାର କରିବା ଉଚିତ୍। ପିତୃ ଋଣରୁ ମୁକ୍ତି ପାଇବା ପରେ ସନ୍ତାନ ଉତ୍ପନ୍ନ ସଂସ୍କାର ବ୍ୟବସ୍ଥା ରହିଛି। ଏହି ସଂସ୍କାରରେ ଗର୍ଭ ସମ୍ବନ୍ଧିତ ମଳିନତା ପ୍ରଭୃତି ଦୋଷ ଦୂର ହୋଇଥାଏ। ଯାହାଫଳରେ ଉତ୍ତମ ସନ୍ତାନ ପ୍ରାପ୍ତି ହୋଇଥାଏ। ମାତା-ପିତାଙ୍କ ସଂଯୋଗରେ ସନ୍ତାନର ଉତ୍ପତ୍ତି ହୋଇଥାଏ ଏବଂ ଏହି ସଂଯୋଗକୁ ଗର୍ଭାଧାନ ସଂସ୍କାର ବୋଲି ହିନ୍ଦୁ ଧର୍ମର ସଂସ୍କାର ପର୍ବରେ ପ୍ରାରମ୍ଭରେ କୁହାଯାଇଛି। ଗର୍ଭସ୍ଥାପନ ପରେ ଅନେକ ପ୍ରକାର ପ୍ରାକୃତିକ ପ୍ରବୃତ୍ତି ଆକ୍ରମଣ କରିଥାଏ, ଯେଉଁଥିରୁ ରକ୍ଷା ପାଇବା ପାଇଁ ଏହି ସଂସ୍କାର ବ୍ୟବସ୍ଥା ରହିଛି। ମାତା-ପିତାଙ୍କ ବିଚାରଧାରା ସହିତ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ। ମାତା-ପିତାଙ୍କ ମାଦକ ଦ୍ରବ୍ୟ ସେବନ, ଦୂଷିତ ମାନସିକତା ପ୍ରଭୃତିର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଦାମ୍ପତ୍ୟ ଜୀବନର ଶ୍ରେଷ୍ଠ ଉଦ୍ଦେଶ୍ୟ ସର୍ବ ଗୁଣାବଳୀ, ସ୍ୱାସ୍ଥ୍ୟବାନ, ଚରିତ୍ରବାନ ଏବଂ ଯଶସ୍ୱୀ ସନ୍ତାନ ପ୍ରାପ୍ତ କରିବା। ଏଥିପାଇଁ ଗର୍ଭାଧାନ ସଂସ୍କାର ଉପରେ ଧ୍ୟାନ ରଖିବା ଜରୁରୀ ଅଟେ। ଗୁଣବାନ ସନ୍ତାନ ଉତ୍ପନ୍ନ ପାଇଁ ମାତା-ପିତାଙ୍କୁ ବିଚାରପୂର୍ବକ କର୍ମ କରିବା ଆବଶ୍ୟକ। ଶ୍ରେଷ୍ଠ ସନ୍ତାନ ପ୍ରାପ୍ତିପାଇଁ ବିଭିନ୍ନ ବିଧି ବିଧାନ ରହିଛି। ଏଥିପାଇଁ ମାତା-ପିତାଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। କାରଣ ତାଙ୍କର ଆସୁଥିବା ସନ୍ତାନଟି ତାଙ୍କ ଆତ୍ମାର ପ୍ରତିରୂପ ଅଟେ। ସେଥିପାଇଁ ପୁତ୍ରକୁ ଆତ୍ମା ଏବଂ ପୁତ୍ରୀକୁ ଆତ୍ମଜା କୁହାଯାଏ। ଗର୍ଭାଧାନ ବିଷୟରେ ହିନ୍ଦୁ ଧର୍ମଶାସ୍ତ୍ରର ସ୍ମୃତିସଂଗ୍ରହରେ ଉଲ୍ଲେଖ ରହିଛି।

## ପରମାତ୍ମା ହିଁ ଶାଶ୍ୱତ ସତ୍ୟ



ଏ ସଂସାରର ଶାଶ୍ୱତ ଏକମାତ୍ର ଶାଶ୍ୱତ ସତ୍ୟ ହେଉଛନ୍ତି ପରମାତ୍ମା । ତାଙ୍କର ଦର୍ଶନ, ସ୍ପର୍ଶ ଏବଂ ତାଙ୍କ ଠାରେ ସ୍ଥିତି ପ୍ରାପ୍ତ ହେବାରୁ ଜୀବ କେତେବେଳେ ସୁଦ୍ଧା ବିଶ୍ରାମ ପାଇନଥାଏ, ଦୁଃଖରୁ ମୁକ୍ତି ଅସମ୍ଭବ ହୋଇଥାଏ । ଶ୍ରୀମଦ୍ ଭଗ୍‌ବତ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, "ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବାଂବିଧୋର୍ଜୁନ । ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ୍ ପ୍ରବେଷ୍ଟୁଂ ଚ ପରଂତପ ।।"

ହେ ପରଂତପ ଅର୍ଜୁନ, ଅନନ୍ୟ ଭକ୍ତି ମାଧ୍ୟମରେ, ଅନନ୍ୟ ଅର୍ଥାତ୍ ଅନ୍ୟ କୌଣସି ଦେବା-ଦେବୀଙ୍କ ବିଷୟରେ ଚିନ୍ତା ନକରି ସମ୍ପୂର୍ଣ୍ଣ ଶ୍ରଦ୍ଧାଯୁକ୍ତ ହୋଇ ଯିଏ ମୋତେ (ପରମାତ୍ମା)ଙ୍କୁ ଭଜନ କରିଥାଏ, ତା'କୁ ପ୍ରତ୍ୟକ୍ଷ ଦର୍ଶନ ଦେବା ଲାଗି, ସ୍ପର୍ଶ କରିବା ଲାଗି ଏବଂ ସ୍ଥିତି ପ୍ରଦାନ କରିବା ଲାଗି ସବୁବେଳେ ସୁଲଭ ହୋଇଥାଏ । ତେଣୁ ପରମାତ୍ମାଙ୍କୁ ଭଜୁଥିବା ଜୀବାତ୍ମା ଶାଶ୍ୱତ ସ୍ଥିତି ପ୍ରାପ୍ତ କରିଥାଏ, ଶାଶ୍ୱତ ସ୍ୱରୂପ ପ୍ରାପ୍ତ କରିଥାଏ ଏବଂ ଶାଶ୍ୱତ ପରମଧାମ ପ୍ରାପ୍ତ କରିଥାଏ । ଗୀତା ଆପଣଙ୍କୁ ପରମାତ୍ମ-ସ୍ୱରୂପରେ ସ୍ଥିତି ପ୍ରଦାନ କରିଥାଏ । ସ୍ୱର୍ଗର ପ୍ରଲୋଭନ ଏବଂ ନର୍କର ଭୟ ଦେଖାଇ ଛାଡ଼ିଦେଇନଥାଏ । ଗୀତା ଆପଣଙ୍କୁ ଏପରି ଏକ ଜନ୍ମ ଦେଇଥାଏ, ଯାହା ପଛରେ ମୃତ୍ୟୁ ନଥାଏ। ଏପରି ଶାନ୍ତି ପ୍ରଦାନ କରିଥାଏ, ଯାହା ପଛରେ ଅଶାନ୍ତି ନଥାଏ ।

ସ୍ୱର୍ଗ ଏବଂ ନର୍କ ଏ ସଂସାରର ଦୁଇଟି ଦିଗ । ପ୍ରାରମ୍ଭିକ ସାଧକମାନଙ୍କୁ ସଚେତନ କରିବା ନିମନ୍ତେ ତଥା ପ୍ରୋତ୍ସାହିତ କରିବା ନିମନ୍ତେ ହିଁ ପୁରସ୍କାର ଏବଂ ଦଣ୍ଡସ୍ୱରୂପ ସ୍ୱର୍ଗ କିମ୍ବା ନର୍କର ପରିକଳ୍ପନା କରାଯାଇଛି । କିନ୍ତୁ ସାଧନା ପ୍ରଶସ୍ତ ହେବା ପରେ ଏହାର ଆବଶ୍ୟକତା ରହିନଥାଏ । ଭଗବାନ ସ୍ୱୟଂ ସେହି ସାଧକର ଆଙ୍ଗୁଳି ଧରି ଚଳାଇଥାନ୍ତି । ଯେପରିକି ରାମଚରିତ ମାନସରେ କୁହାଯାଇଛି- "ଉମା ରାମ ସୁଭାଉ ଜିହ୍ନ ଜାନା । ତାହି ଭଜନ ତଜି ଭାବ ନ ଆନା ।।"ଯେତେବେଳେ ଭଗବାନଙ୍କ ପ୍ରଭାବ, ତାଙ୍କର ମହିମା, ତାଙ୍କର ସ୍ୱଭାବ ଦେଖିବାକୁ ମିଳିଥାଏ ସେତେବେଳେ ଭଜନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ରୁଚିକର ଲାଗିନଥାଏ ।

## ଛଚିନ୍ଦ୍ରା ଖାଉଛନ୍ତି କି ? ଏହି ସବୁ ରୋଗରୁ ମିଳିବ ମୁକ୍ତି

ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ଏତେ ଲାଭଦାୟକ ଯେ ଏହାକୁ ଖାଇବା ଦ୍ୱାରା ଆପଣ ଅନେକ ଗମ୍ଭୀର ରୋଗରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଆଜି ଛଚିନ୍ଦ୍ରାର ପୁଷ୍ଟିକର ଗୁଣ



ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା। ଶରୀରକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ପନିପରିବା ଖାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପନିପରିବା ମଧ୍ୟରେ ଅନ୍ୟତମ ଛଚିନ୍ଦ୍ରା । ଏଥିରେ ରହିଥାଏ ପୋଷକ ତ□, ଯାହା ଆମ ଶରୀରକୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଛଚିନ୍ଦ୍ରାରେ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଛଚିନ୍ଦ୍ରାରେ ଏତେ ପରିମାଣର କ୍ୟାଲ୍ସିୟମ୍ ଥାଏ ଯେ ଏହା ଆମ ହାଡ ଏବଂ ଦାନ୍ତକୁ ଶକ୍ତିଶାଳୀ କରିପାରେ । ମଧୁମେହ ରୋଗୀଙ୍କ ପାଇଁ ଛଚିନ୍ଦ୍ରା ବେଶ୍ ଲାଭଦାୟକ ।ମଧୁମେହ ରୋଗୀମାନେ ଏହାକୁ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ବୃଦ୍ଧି ହୁଏନାହିଁ। ଏଥିରେ ମଧୁମେହକୁ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହୋଇଥାଏ । ଛଚିନ୍ଦ୍ରା ରୋଗ ପ୍ରତିରୋଧକ ଶକ୍ତି ବଢାଇ ଥାଏୟ ଏଥିରେ ଆୟୋଡିନ୍ ରହିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳିକୁ ବୃଦ୍ଧି କରିବା ସହ ଥାଇରଏଡ୍ ପରି ରୋଗକୁ ରୋକିବାରେ ବେଶ୍ ସହାୟକ ହୋଇଥାଏ । ଏହାବ୍ୟତୀତ ଛଚିନ୍ଦ୍ରା ହଜମ ପ୍ରକ୍ରିୟାକୁ ଠିକ କରିପାରିବାରେ ସହାୟକ ହୋଇଥାଏ ।ଛଚିନ୍ଦ୍ରା ଖାଇବା ଦ୍ୱାରା କିଡ୍ନୀ ରୋଗର ଆଶଙ୍କା କମ୍ ହୋଇଥାଏ ।ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହାବ୍ୟତୀତ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଛଚିନ୍ଦ୍ରା ଅତ୍ୟନ୍ତ ଲାଭଦାୟକ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏୟ ଏହି ପନିପରିବା ହୃଦ୍ଘାତରେ ପୀଡିତ ଲୋକଙ୍କ ପାଇଁ ମଧ୍ୟ ଲାଭଦାୟକ। ଛଚିନ୍ଦ୍ରା ଖାଇବା ଦ୍ୱାରା ଲୋକଙ୍କ ନିଦ୍ରା ସମସ୍ୟା ମଧ୍ୟ ଦୂର ହୋଇଥାଏ । ଏଥିରେ ଭିଟାମିନ୍ ଈ୬ ଭରପୂର ରହିଥାଏ । ଏହା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ମଜବୁତ କରିପାରେ।

# ସାଙ୍କେତିକ ଭାଷା ପାଇଁ ପିଏମ ଇ-ବିଦ୍ୟା ଡିଟିଏଚ ଚ୍ୟାନେଲର ଶୁଭାରମ୍ଭ

**ଭୁବନେଶ୍ୱର, ୬।୧୨ (ମହାଭାରତ):** ବଧିର ପିଲାଙ୍କ ଦକ୍ଷତା ପ୍ରଶିକ୍ଷଣ, ମାନସିକ ସ୍ୱାସ୍ଥ୍ୟ, ଶ୍ରେଣୀ ଭିତ୍ତିକ ପାଠ୍ୟଖସଡା ତଥା ଯୋଗାଯୋଗ ଦକ୍ଷତା କ୍ଷେତ୍ରରେ ସହାୟକ ହେବା ଲକ୍ଷ୍ୟରେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ଭାରତୀୟ ସାଙ୍କେତିକ ଭାଷା(ଆଇଏସଏଲ) ପାଇଁ ପିଏମ ଇ-ବିଦ୍ୟା ଡିଟିଏଚ ୨୪ ଘଣ୍ଟିଆ ଚ୍ୟାନେଲ ନମ୍ବର -୩୧ର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ସ୍ୱତନ୍ତ୍ର ଆବଶ୍ୟକତା କରୁଥିବା ପିଲାମାନଙ୍କ ଶିକ୍ଷାକୁ ବିଶେଷ ପ୍ରାଥମିକତା ଦେଇଛି। ଏହି ପଦକ୍ଷେପ ବହୁ ସର୍ବସ୍ପର୍ଶୀ ଓ ସମାବେଶୀ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ଭାରତୀୟ ସାଙ୍କେତିକ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଯୋଗାଯୋଗ ପାଇଁ ଶବ୍ଦ ଏକମାତ୍ର ମାଧ୍ୟମ ନୁହେଁ ; ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବାରେ ବିକଳ୍ପ ରୂପ ତଥା ସାଙ୍କେତିକ ଭାଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଭାରତରେ ଶ୍ରବଣହୀନ ଜନସଂଖ୍ୟାକୁ ସମର୍ଥନ କରିବା ପାଇଁ ଅଧିକରୁ ଅଧିକ ଲୋକ ଭାରତୀୟ ସାଙ୍କେତିକ ଭାଷା ଶିଖିବାର ପରିକଳ୍ପନା କରି ଏହାକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ବିକଶିତ କରିବା ଦରକାର। ଏହା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବାରେ ସହାୟକ ହେବ।

ଯୋଗାଯୋଗକୁ ସୁଗମ କରିବା ପାଇଁ ଶ୍ରୀ ପ୍ରଧାନ ଶୁଭାରମ୍ଭ ହୋଇଥିବା ଚ୍ୟାନେଲ ୩୧କୁ ଏକ ସେତୁ ବୋଲି ଅଭିହିତ କରିବା ସହ ଏହାକୁ ଲୋକପ୍ରିୟ କରିବା ଏବଂ ଭାରତୀୟ ସଂକେତିକ ଭାଷା ପାଇଁ ବିଶ୍ୱର ପ୍ରବେଶ




ଦ୍ୱାର ଭାବରେ ସମଗ୍ର ଭାରତରେ ଏହାର ଉପଲବ୍ଧି ସୁନିଶ୍ଚିତ କରିବାକୁ ସେ ଷ୍ଟେକହୋଲଡରମାନଙ୍କୁ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଏହି ପଦକ୍ଷେପ ସାମ୍ବିଧାନିକ ଅଧିକାର ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇଛି, ଯାହା ସମସ୍ତ ନାଗରିକଙ୍କ ପାଇଁ ଶିକ୍ଷା ଏବଂ ସମ୍ବଳର ସମାନ ଉପଲବ୍ଧତାକୁ ସୁନିଶ୍ଚିତ କରିବ। ଭାରତୀୟ ସାଙ୍କେତିକ ଭାଷା ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରିବା, ବୃହତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଭାରତକୁ ଅଧିକ ସମାବେଶୀ ଭବିଷ୍ୟତ ଆଡକୁ ନେବାର କ୍ଷମତା ରଖିଛି ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି।

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ବଧିର ପିଲାଙ୍କୁ ଏକ ଶୈକ୍ଷିକ ବାତାବରଣ ଦେବା ଲାଗି ଭାରତୀୟ ସାଙ୍କେତିକ ଭାଷାକୁ ଉନ୍ନତ କରାଯାଉଛି। ଜାତୀୟ ଶିକ୍ଷା ନୀତି ଅନୁସାରେ ଭାରତୀୟ ସାଙ୍କେତିକ ଭାଷା ବା ଆଇଏସଏଲକୁ ସାରା ଦେଶରେ ପ୍ରଚଳନ କରାଯିବ ଯ ବଧିର ପିଲାଙ୍କ ପଢିବା ଲାଗି ବି କେନ୍ଦ୍ର ଓ ରାଜ୍ୟ ପାଠ୍ୟ ଖସଡାରେ ବିଭିନ୍ନ ଉପକରଣ ସାମିଲ କରାଯାଇଛି। ଭାରତୀୟ ସାଙ୍କେତିକ ଭାଷା ବା ଆଇଏସଏଲକୁ ବିଦ୍ୟାଳୟର ଏକ ଭାଷାଭିତିକ ପାଠ୍ୟକ୍ରମ ଭାବରେ ସାମିଲ କରିବାକୁ ଲକ୍ଷ୍ୟ ରଖି ଏହି ପିଏମ ଇ-ବିଦ୍ୟା ଚ୍ୟାନେଲ ଲୋକାର୍ପଣ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ପାଠ୍ୟ ଖସଡାର ବଧିର ଛାତ୍ରଛାତ୍ରୀ, ଶିକ୍ଷକ, ପ୍ରଶିକ୍ଷକ, ନିଯୁକ୍ତି ପ୍ରଶିକ୍ଷଣର ବିଭିନ୍ନ ଅଂଶୀଦାରଙ୍କ ଲାଗି ଏହି ଚ୍ୟାନେଲ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଇଂରାଜୀ, ହିନ୍ଦୀ ପରି ଆଇଏସଏଲ ବା ଏହି ସାଙ୍କେତିକ ଭାଷାକୁ ଏକ ଭାଷାର ମାନ୍ୟତା ଦେବା ଲାଗି ଏହି ଡିଟିଏଚ ଚ୍ୟାନେଲ ପ୍ରମୁଖ ଭୂମିକା ନିଭାଇବ।

# ଓଡିଶାରେ ୨୩ ପୋକସୋ କୋର୍ଟ

**ଭୁବନେଶ୍ୱର, ୬।୧୨ (ମହାଭାରତ):** ଛୋଟ ପିଲାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ମାମଲାର ତ୍ୱରିତ ସମାଧାନ ପାଇଁ ସମଗ୍ର ଦେଶରେ ୪୦୮ଟି ସ୍ୱତନ୍ତ୍ର ପୋକସୋ ଅଦାଲତ ପ୍ରତିଷ୍ଠା ହୋଇଥିବାବେଳେ ଓଡିଶାରେ ରହିଛି ଏହି ଧରଣର ୨୩ ଅଦାଲତ। ଏହିସବୁ ଅଦାଲତରେ ବର୍ତ୍ତମାନ ସୁଦ୍ଧା ୧୦ହଜାରରୁ ଅଧିକ ମାମଲା ଫଏସଲା ହୋଇ ସାରିଲାଣି।

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ରାଜ୍ୟସଭାରେ ଦେଇଥିବା ସୂଚନାରୁ ଏହା ଜଣାପଡିଛି। କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ସମଗ୍ର ଦେଶରେ ୭୯୦ଟି ପୋକ୍ସୋ ଅଦାଲତ ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ମୋଟ୍ ୭୫୦ଟି ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟ ସ୍ଥାପନ ହୋଇଥିବାବେଳେ ସେଥି ମଧ୍ୟରେ ୪୦୮ଟି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ରହିଛି।

ଦେଶରେ ଥିବା ପୋକ୍ସୋ ଅଦାଲତଗୁଡିକ ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ ୮୦ହଜାରରୁ ଅଧିକ ମାମଲା ଫଏସଲା କରିସାରିଲେଣି। ତେବେ ଏହି ଅଦାଲତ ସ୍ଥାପନ କ୍ଷେତ୍ରରେ ଉତ୍ତରପ୍ରଦେଶ ସବୁଠାରୁ ଆଗରେ ଥିବାବେଳେ ମଧ୍ୟପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି। ଉତ୍ତରପ୍ରଦେଶରେ ୭୪ଟି ପୋକ୍ସୋ ଅଦାଲତ ଥିବାବେଳେ ମଧ୍ୟପ୍ରଦେଶରେ ୫୭ଟି, ବିହାରରେ ୪୬ଟି ଓ ଗୁଜୁରାଟରେ ୨୪ଟି କୋର୍ଟ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ଛତିଶଗଡ, ଗୋଆ, ମଣିପୁର, ନାଗାଲ୍ୟାଣ୍ଡ, ତେଲେଙ୍ଗନା ଓ ଉତ୍ତରାଖଣ୍ଡରେ ଏଭଳି ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ହୋଇନାହିଁ। ଇତିମଧ୍ୟରେ କେନ୍ଦ୍ର ଆଇନ୍ ଏବଂ ନ୍ୟାୟ ମନ୍ତ୍ରଣାଳୟ ଅଧିନରେ ଥିବା ନ୍ୟାୟ ବିଭାଗ ଦ୍ୱାରା ଇ-ଅଦାଲତକୁ ମିଶନ ମୋଡ୍ରେ କାର୍ଯ୍ୟକାରୀ କରାଯାଉଛି ଏବଂ ସର୍ବୋଚ୍ଚ ଅଦାଲତର ଇକମିଟି ଦ୍ୱାରା ଏହାର ତଦାରଖ କରାଯାଉଛି। ଇ-କୋର୍ଟର ଦ୍ୱିତୀୟ ପର୍ଯ୍ୟାୟରେ ୧୪,୪୪୩ ଅଦାଲତ କୋଠରୀରେ ଭିଡିଓ କନଫରେନ୍ସିଂ ସାଜସରଞ୍ଜାମ ଖଞ୍ଜାଯାଇ ପାରିଛି। ମୋଟ୍ ୨୫୦୬ ଅଦାଲତି କୋଠରୀରେ ଭିସି ସ୍ଥାପନ ପାଇଁ ଅର୍ଥ ମହଜୁଦ ଥିବା କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୩୨୪୦ ଅଦାଲତ ସୌଧ ଏବଂ ୧୨୭୨ ଜେଲ୍‌ରେ ଭିସି ସୁବିଧା ଉପଲବ୍ଧ ରହିଛି। ପୋକସୋ ଅଦାଲତରେ ମଧ ଏହି ସୁବିଧା ବ୍ୟବହାର କରାଯାଇ ପାରିବ।

ଇ-କୋର୍ଟର ତୃତୀୟ ପର୍ଯ୍ୟାୟରେ ୨୨୮ କୋଟି ୪୮ଲକ୍ଷ ଟଙ୍କା ବ୍ୟୟରେ ୫୦୦ ଜେଲ୍ ସମେତ ୭୦୦ ସରକାରୀ ଡାକ୍ତରଖାନା ଏବଂ ୯୦୦୦ ଅଦାଲତରେ ଭିସି ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ୮୩୦୦ ଗାଁ କୁ ହୋଇନି ସଡ଼କ ସଂଯୋଗୀକରଣ

**ଭୁବନେଶ୍ୱର, ୬।୧୨ (ମହାଭାରତ):** ରାଜ୍ୟର ୮ହଜାରରୁ ଅଧିକ ଗାଁରେ ସଡକ ଯୋଜନା ପହଞ୍ଚି ପାରିନାହିଁ। ଏମାନେ ବିଭିନ୍ନ ସଡ଼କ ଯୋଜନାରେ ସାମିଲ ଲାଗି ଯୋଗ୍ୟ ବିବେଚିତ ହୋଇନଥିବାରୁ ଏଠାକୁ ସଡକ ସଂଯୋଗ ହୋଇପାରିନଥିବା କହିଛନ୍ତି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ।

ରାଜ୍ୟରେ ଗାଁ ଗୁଡିକୁ ସଡ଼କ ସଂଯୋଗ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ସର୍ବଶେଷ ଜନଗଣନାକୁ ଭିତ୍ତିକରି ୨୦୧୭-୧୮ ମସିହାରେ ଜିଲ୍ଲା ଗ୍ରାମ୍ୟ ସଡକ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହି ଯୋଜନା ଅନୁସାରେ ରାଜ୍ୟରେ ୫୯,୯୭୧ଟି ଗ୍ରାମ ରହିଥିଲା। ସେଥି ମଧ୍ୟରୁ ୫୧,୬୭୧ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ



ଯୋଜନା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ପର୍ଯ୍ୟାୟକ୍ରମେ ସଂଯୋଗୀକରଣ କରାଯାଇଥିଲା। ହେଲେ ଯୋଜନାର ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ହୋଇନଥିବାରୁ ୮୩୦୦ଟି ଗ୍ରାମକୁ ସଂଯୋଗୀକରଣ କରାଯାଇ ନାହିଁ। ଏହିସବୁ ଗ୍ରାମ ମଧ୍ୟରେ କୋରାପୁଟର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେଳେ ରାୟଗଡାର ୧୦୯୯ଟି ଗ୍ରାମ ରହିଛି। ସେହିଭଳି ନବରଙ୍ଗପୁର ଜିଲ୍ଲାର ୬୪୧, କଳାହାଣ୍ଡିର ୫୭୪, ମାଲକାନଗିରିର ୪୩୯, ମୟୁରଭଞ୍ଜର ୪୩୮, କନ୍ଧମାଳର ୪୨୬, ସମ୍ବଲପୁରର ୩୯୩ଟି ଗ୍ରାମ ରହିଛି।

ସଡ଼କ ସଂଯୋଗୀକରଣରୁ ଦୂରେ ଥିବା ଗ୍ରାମ ମଧ୍ୟରୁ ସଂଖ୍ୟାଧିକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବାବେଳେ ଉପକୂଳ ଜିଲ୍ଲାରେ ସଂଯୋଗୀକରଣ ନଥିବା ଗ୍ରାମସଂଖ୍ୟା ଆଶାତୀତ ଭାବେ କମ୍ ରହିଛି। ତଥାପି ଏବେ ବି କଟକ ଜିଲ୍ଲାରେ ୨୧ଟି ଗ୍ରାମକୁ ସଡ଼କ ସଂଯୋଗ ହୋଇପାରିନଥିବା ବେଳେ ଜଗତସିଂହପୁରରେ ଏହି ସଂଖ୍ୟା ୧୮, ଖୋର୍ଦ୍ଧାରେ ୫୧, ପୁରୀରେ ୧୮, ଯାଜପୁରରେ ୧୮, ଝାରସୁଗୁଡାରେ ୩୪ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ଚତୁର୍ଥ ପର୍ଯ୍ୟାୟ ନିୟମାବଳୀ ପ୍ରକାଶ ପାଇନାହିଁ। ବିସ୍ତୃତ ନିୟମାବଳୀ ପ୍ରକାଶ ପାଇବାପରେ ଯୋଗ୍ୟ ବିବେଚିତ ହୋଇଥିବା ଗ୍ରାମଗୁଡିକୁ ସଂଯୋଗୀକରଣ କରିବାପାଇଁ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ମୋଟ୍ ୧୨୨୬ଟି ଗ୍ରାମକୁ ସଡକ ସଂଯୋଗୀକରଣ କରିବାପାଇଁ ମଞ୍ଜୁରୀ ପ୍ରଦାନ କରିଥିଲେ। ଏହି ତାଲିକାରୁ ଦୁଇଟି ଗ୍ରାମକୁ ବାଦ ଦେଲେ ଅନ୍ୟ ସମସ୍ତ ୧୨୨୪ଟି ଗ୍ରାମକୁ ସଡକ ସଂଯୋଗ କରାଯାଇଛି। ଏହି ଦୁଇଟି ଗ୍ରାମ ମଧ୍ୟରେ ମାଲିକାନଗିରି ଓ ମୟୁରଭଞ୍ଜର ଗୋଟିଏ କରି ଗାଁ ରହିଛି। ଏହି ଦୁଇଟି ଗ୍ରାମକୁ ଏବେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହାକୁ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

# ୫ ବର୍ଷରେ ୩୪ ବାଘ ମୃତ

**ଭୁବନେଶ୍ୱର, ୬।୧୨ (ମହାଭାରତ):** ଓଡ଼ିଶାରେ ଗତ ୫ ବର୍ଷ ମଧ୍ୟରେ ଜୀବନ ହରାଇଛନ୍ତି ୩୪ କଲରାପତରିଆ ଏବଂ ତିନି ମହାବଳ ବାଘ। ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ସୂଚନା ଦେଇଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ମନ୍ତ୍ରୀ ଏହି ତଥ୍ୟ ରଖିବା ସହିତ ସେମାନଙ୍କ ମୃତ୍ୟୁ ପଛର କାରଣ ମଧ କହିଛନ୍ତି।

୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ରିପୋର୍ଟ ହୋଇଥିବା ୩୪ କଲରାପତରିଆ ମଧ୍ୟରୁ ୧୭ ଶିକାରୀଙ୍କ ଦ୍ୱାରା ପ୍ରାଣ ହରାଇଛନ୍ତି, ୩ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜୀବନ ହରାଇଛନ୍ତି, ଗୋଟିଏ ରେଳ ଦୁର୍ଘଟଣାରେ, ୩ଟି ଗାଡି ସହିତ ଦୁର୍ଘଟଣାରେ, ୪ଟି ପ୍ରାକୃତିକ ମୃତ୍ୟୁରେ ଏବଂ ୩ଜଣ ଅପ୍ରାକୃତିକ କାରଣରୁ ମୃତ୍ୟୁବରଣ କରିଛନ୍ତି। ଏହି ସମୟରେ ତିନିଟି ମହାବଳ ବାଘ ମଧ୍ୟରୁ ଗୋଟିଏର ମୃତ୍ୟୁ ମଧ୍ୟରୁ ଗୋଟିଏ ଶିକାରୀଙ୍କ ଦ୍ୱାରା, ଗୋଟିଏ ଲଢେଇ ଲାଗି ଏବଂ ଅନ୍ୟଟି ଅଜଣା କାରଣରେ ମୃତ୍ୟୁ ବରଣ କରିଛି।

ମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି ଯେ ସମସ୍ତ ଓଡିଶା ଟାଇଗର ଆକଳନ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ରାଜ୍ୟରେ ୩୦ଟି ରୟାଲ ବେଙ୍ଗଲ ଟାଇଗର ଅଛନ୍ତି। ସମସ୍ତ ଓଡିଶା ଚିତାବାଘ ଆକଳନ ରିପୋର୍ଟ ୨୦୨୪ ଅନୁଯାୟୀ ରାଜ୍ୟରେ ୬୯୬ ଟି କଲରାପତରିଆ ଅଛନ୍ତି। ପୂର୍ବରୁ ପିସିସିଏଫ୍ ୱାଇଲ୍ଡ ଲାଇଫ୍ ସୁଶାନ୍ତ ନନ୍ଦ କହିଥିଲେ ଯେ ଯଦିଓ ଚିତାବାଘକୁ ଟାର୍ଗେଟରେ ହତ୍ୟା କରିବା ଖୁବ୍ କମ୍ ଥିଲା, ତଥାପି ଅଧିକାଂଶ କଲରାପତରିଆ ବଣୁଆ ଘୁଷୁରୀକୁ ମାରିବା ପାଇଁ ଶିକାରୀଙ୍କ ଦ୍ୱାରା ଦିଆଯାଇଥିବା ବିଦ୍ୟୁତ ଜାଲରେ ମୃତ୍ୟୁବରଣ କରିଥିଲେ।

# ଏମ୍ସରେ ଫୋର୍ଡି ସ୍କାଇନ୍ ଓ ଗେଟ୍ ଆନାଲିସିସ୍ ଲ୍ୟାବ୍ ଉଦଘାଟିତ

**ଭୁବନେଶ୍ୱର, ୬।୧୨ (ମହାଭାରତ):** ଏମ୍ସ ଭୁବନେଶ୍ୱରରେ ପୂର୍ବ ଭାରତରେ ପ୍ରଥମ ତଥା ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଫୋର୍ଡି ସ୍କାଇନ୍ ଓ ଗେଟ୍ ଆନାଲିସିସ୍ ଲ୍ୟାବ୍ ଉଦଘାଟିତ ହୋଇଯାଇଛି। ଶାରୀରିକ ଚିକିତ୍ସା ଏବଂ ପୁନର୍ବାସ ବିଭାଗ (ପିଏମଆର) ପକ୍ଷରୁ ଅର୍ନ୍ତଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏକାଧିକ ବ୍ୟବସ୍ଥା ଥିବା ଏହି ଲ୍ୟାବ୍‌ର ଶୁଭାରମ୍ଭ କରିଛନ୍ତି।

ନୂତନ ଭାବେ ପ୍ରତିଷ୍ଠିତ ଏହି ଲ୍ୟାବ୍‌ରେ ପ୍ରୋଷ୍ଥେଟିକ୍ ଏବଂ ଅର୍ଥୋଟିକ୍ ସେବା, ଅକୁପେସନାଲ୍ ଚିକିତ୍ସା, ଫିଜିଓଥେରାପି ୟୁନିଟ୍ ସମେତ ଅନ୍ୟାନ୍ୟ ଏକାଧିକ ଆନୁସଙ୍ଗିକ ସେବା ଉପଲବ୍ଧ ହେବ। ଏହି ସମସ୍ତ ସୁବିଧାଗୁଡ଼ିକର ଏକୀକରଣ ଦ୍ୱାରା ସାମଗ୍ରୀକ ରୋଗୀ ସେବା କ୍ଷେତ୍ରରେ ପିଏମଆର ବିଭାଗ ଆହୁରି ଅଧିକ ଦୃଢ଼ ହେବ। ଏହି ଲ୍ୟାବ୍ ଏମ୍ସ ଭୁବନେଶ୍ୱରକୁ ଚିକିତ୍ସା ନିମନ୍ତେ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ପ୍ରକାରର ଉଚ୍ଚମାନର ବ୍ୟକ୍ତିଗତ ପୁନର୍ବାସ ସେବା ଯୋଗାଇବାରେ ସକ୍ଷମ ହେବ।



ଲୋକୋମୋଟର ଅକ୍ଷମତା, ମାଂସପେଶୀ-ସ୍କେଲେଟାଲ୍ ଅବସ୍ଥା ଏବଂ କ୍ରୀଡ଼ା ଆଘାତଜନୀତ ଚିକିତ୍ସା ଓ ପୁନର୍ବାସ କ୍ଷେତ୍ରରେ ବିଶେଷ ଉନ୍ନତି ଆଣିବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏହି ଉନ୍ନତ ଜ୍ଞାନକୌଶଳଯୁକ୍ତ ଲ୍ୟାବ୍ ଶରୀରର ଗଣ୍ଠି ଉପରେ ରିଅଲ୍ ଟାଇମ୍ ବାୟୋମେକାନିକାଲ୍ ତଥ୍ୟ ପ୍ରଦାନ କରିବା ସହିତ ମେରୁଦଣ୍ଡ ବିକୃତିର ମୂଲ୍ୟାଙ୍କନ ଏବଂ ସଠିକ୍ ପରିମାଣ ବାବଦରେ ସର୍ବୋତ୍ତମ ସୂଚନା ପ୍ରଦାନ କରିଥାଏ। ଷ୍ଟ୍ରୋକ୍, ସ୍କୋଲିଓସିସ୍, ବେକ ଏବଂ କମର ଯନ୍ତ୍ରଣା, ପୋଲିଓ ପରବର୍ତ୍ତୀ ଅବଶିଷ୍ଟ ପକ୍ଷାଘାତ, ମାୟୋପାଥି ଏବଂ ନ୍ୟୁରୋପାଥି ପରି ଅବସ୍ଥାର ପରିଚାଳନା ପାଇଁ ଏହା ବିଶେଷ ଲାଭଦାୟକ ଅଟେ। କ୍ରୀଡ଼ାବିତଙ୍କ ପାଇଁ ଏହି ଲ୍ୟାବ୍ ବିଶେଷ ଲାଭ ପ୍ରଦାନ କରିବ। କ୍ରୀଡ଼ା ପୁନର୍ବାସ ପାଇଁ ରିଅଲ୍-ଟାଇମ୍ ବିଶ୍ଲେଷଣ ପ୍ରଦାନ କରିବା ସହିତ କ୍ରୀଡ଼ାବିତଙ୍କ ପୁନରୁଦ୍ଧାର ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧିରେ ସାହାଯ୍ୟ କରିବ। ଚିହ୍ନଟ ହୋଇପାରୁନଥିବା ଯେକୌଣସି ସାଧାରଣ ଆଘାତର ପରିମାଣକୁ ସଠିକ୍ ମୂଲ୍ୟାଙ୍କନ କରିବା ଏବଂ ଏହାର ଚିକିତ୍ସା କ୍ଷେତ୍ରରେ ଏହି ଲ୍ୟାବ୍ ଅନନ୍ୟ ଫଳାଫଳ ପ୍ରଦାନ କରିବ। ଏହି ବ୍ୟବସ୍ଥା ସୁଦୂରପ୍ରସାରୀ ପ୍ରଭାବ ପକାଇବା ନେଇ ପିଏମଆର ବିଭାଗ ମୁଖ୍ୟ ଡ. ଜଗନ୍ନାଥ ସାହୁ ସୂଚନା ଦେଇଛନ୍ତି। ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ନ୍ୟୁରୋ ସର୍ଜରୀ ବିଭାଗ ମୁଖ୍ୟ ଡ. ଆଁ ଏନ୍ ସାହୁ, ନ୍ୟୁରୋଲୋଜି ବିଭାଗ ମୁଖ୍ୟ ଡ. ସଞ୍ଜୀବ କୁମାର ଭୋଇ, ଭାରପ୍ରାପ୍ତ ଡିଡିଏ ରଶ୍ମି ରଂଜନ ସେଠୀ, ଅଧୀକ୍ଷଣ ଯନ୍ତ୍ରୀ ଆର ପି ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୁସ୍ତାନ ପେନସିଲ୍ସ ବାଲିଯାତ୍ରା ୨୦୨୪କୁ ସୃଜନଶୀଳ ଅନୁଭୂତି ଆଣିଦେଇଛି

**କଟକ,୬।୧୨ (ମହାଭାରତ):** ଭାରତୀୟ ଷ୍ଟେସନେରୀ ଶିଳ୍ପରେ ଏକ ପ୍ରମୁଖ ନାମ ଅପ୍‌ସରା ଏବଂ ନଟରାଜ ଭଳି ପ୍ରିୟ ବ୍ରାଣ୍ଡର ମୂଳ ସଂସ୍ଥା ହିନ୍ଦୁସ୍ତାନ ପେନସିଲ୍ସ ୨୦୨୪ ନଭେମ୍ବର ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବାଲିଯାତ୍ରାରେ ଅନେକ ଆକର୍ଷଣୀୟ ସୃଜନଶୀଳ ଅନୁଭୂତି ଆଣିଦେଇଥିଲା। ନବୋନ୍ମେଷୀ କାର୍ଯ୍ୟକଳାପ ଏବଂ ନିୟୋଜନକାରୀ ସେଟ୍‌ଅପକୁ ନେଇ ହିନ୍ଦୁସ୍ତାନ ପେନସିଲ୍ସ ଏହି ସପ୍ତାହବ୍ୟାପୀ ସାଂସ୍କୃତିକ ଉତ୍ସବ ପାଳନ ସହିତ ଏକ ଦମ୍‌ଦାର ସୃଜନଶୀଳ ଉତ୍ସାହ ଭରିଦେଇଥିଲା, ଯାହା ସମସ୍ତ ବୟସ ବର୍ଗର ଦର୍ଶକଙ୍କୁ ଆନନ୍ଦିତ କରିଥିଲା। ଏଥିରେ ଏକ ଅନନ୍ୟ ଆକର୍ଷଣ ଥିଲା ଅପ୍‌ସରା ଜେଷ୍ଟା ସେଣ୍ଟେଡ ରାଇଟିଂ ପେନସିଲ୍ସ କାର୍ଯ୍ୟକଳାପ, ଯେଉଁଥିରେ ଛୋଟ ଛୋଟ ପିଲାମାନେ ପେନସିଲ ଗୁଡିକର ସୁଗନ୍ଧ ନେବା ସହିତ ଲେଖିବା ଅନୁଭୂତିକୁ ଉପଭୋଗ କରିଥିଲେ। ଉଦୀୟମାନ କଳାକାରମାନେ ସେମାନଙ୍କର କଳ୍ପନାକୁ ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଥିବା କଲରିଂ ସିଟ୍ ଗୁଡିକରେ ନଟରାଜ ସ୍କେଟର ଜେଲ୍ ପେନ୍ ବ୍ୟବହାର କରି ରଙ୍ଗଦେବା କାର୍ଯ୍ୟରେ ରୂପାନ୍ତରିତ କରିଥିଲେ। ନୂତନ ଅପ୍‌ସରା ସ୍ପାଇରାଲ ନୋଟ୍‌ବୁକ୍ସ ଏବଂ ନଟରାଜ ହାଇଡି ପେନ୍‌ସିଲଗୁଡିକ ଦର୍ଶକଙ୍କର ତୁରନ୍ତ ଦୃଷ୍ଟି ଆକର୍ଷଣ କରୁଥିଲା।

# ବ୍ୟାଙ୍କ କର୍ମଚାରୀଙ୍କ ପେନ୍‌ସନ୍ ସଂଶୋଧନ ଦାବି

**ଭୁବନେଶ୍ୱର,୬।୧୨ (ମହାଭାରତ):** ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପେନ୍‌ସନ୍ ଦୀର୍ଘ ୩୦ ବର୍ଷ ହେଲା ସଂଶୋଧନ ନହେବା ଅତ୍ୟନ୍ତ ପରିତାପର ବିଷୟ। ବ୍ୟାଙ୍କ ଶିଳ୍ପରେ ପେନ୍‌ସନ୍ ଯୋଜନା ୧୯୯୫ ମସିହାରୁ ଲାଗୁ କରାଯାଇଥିଲେ ହେଁ, ପ୍ରତି ୫ ବର୍ଷରେ ବ୍ୟାଙ୍କ କର୍ମଚାରୀଙ୍କ ଦରମା




ସଂଶୋଧନ ହେଉଥିବା ସମୟରେ ପେନ୍‌ସନ୍ ସଂଶୋଧନ କରାଯାଉନାହିଁ। ଏହା ଫଳରେ ପେନ୍‌ସନ୍ ଭୋଗୀଙ୍କ ମୂଳ ପେନ୍‌ସନ୍ ୩ ଦଶନ୍ଧି ଧରି ଅପରିବର୍ତ୍ତିତ ରହିଛି। ସ୍ଥାନୀୟ ରେଡ଼୍‌କ୍ରସ୍ ଭବନରେ ମହମ୍ମଦ ନାଜିର ଅହମଦ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିଖିଳ ଓଡ଼ିଶା ଆଲାହାବାଦ୍ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ୫ମ ତ୍ରୈବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ଅଖିଳ ଭାରତ ଆଲାହାବାଦ୍ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ସୁରେଶ ଚାନ୍ଦ୍ ଶର୍ମା ଉପରୋକ୍ତ ମତପୋଷଣ କରି କେନ୍ଦ୍ର ସରକାର ଓ ଭାରତୀୟ ବ୍ୟାଙ୍କ ସଂଘ ତୁରନ୍ତ ବ୍ୟାଙ୍କ ଶିଳ୍ପରେ ପ୍ରଚଳିତ ପେନ୍‌ସନ୍ ଯୋଜନାର ସଂଶୋଧନ କରିବାକୁ ଦାବି କରିଥିଲେ। ସମ୍ମିଳନୀରେ ଇଣ୍ଡିଆନ୍ ବ୍ୟାଙ୍କ୍, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମହା ପ୍ରବନ୍ଧକ ଶ୍ରୀମତୀ ଅରୁଣା ଏମ୍. ମୁଖ୍ୟ ଅତିଥି; ସଚିକାନ୍ତ ଦାସ ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଓ ବୈକୁଣ୍ଠ ନାଥ ଆଚାର୍ଯ୍ୟ, ସଭାପତି ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ; ସମ୍ମାନୀତ ଅତିଥି ଭାବେ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମିଳନୀରେ ସମଗ୍ର ଓଡ଼ିଶାରୁ ୧୫୦ ପେନ୍‌ସନ୍ ଭୋଗୀ ଓ ପାରିବାରିକ ପେନ୍‌ସନ୍ ଭୋଗୀ ଯୋଗଦେଇଥିଲେ।

# ହାଇକୋର୍ଟରେ ୧୪ ବିଚାରପତି ପଦବୀ ଖାଲି

**ଭୁବନେଶ୍ୱର,୬।୧୨ (ମହାଭାରତ):** ଓଡ଼ିଶା ହାଇକୋର୍ଟରେ ଏବେ ମାତ୍ର ୧୯ଜଣ ବିଚାରପତି ଅଧିଷ୍ଠିତ ଅଛନ୍ତି। ମୋଟ ୩୩ଜଣ ବିଚାରପତି ରହିବା ବିଧେୟ ଥିବାବେଳେ ଏବେ ୧୪ଟି ବିଚାରପତି ପଦବୀ ଖାଲି ପଡ଼ିଛି। ଆବଶ୍ୟକ ସଂଖ୍ୟକ ବିଚାରପତି ନଥିବାରୁ ହାଇକୋର୍ଟରେ ପ୍ରାୟ ୧.୪୫ଲକ୍ଷରୁ ଅଧିକ ମାମଲା ମଧ ବିଚାର ପାଇଁ ପଡ଼ି ରହିଥିବା ଜଣାପଡ଼ିଛି। ବିଧାନସଭାରେ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଓଡ଼ିଶା ହାଇକୋର୍ଟରେ ମୋଟ ୩୩ଜଣ ବିଚାରପତି ରହିବା ବିଧେୟ। ଏବେ ହାଇକୋର୍ଟରେ ୧୯ଜଣ ବିଚାରପତି ଅଧିଷ୍ଠିତ ଅଛନ୍ତି। ବକେୟା ଜମା ଥିବା ମାମଲାଗୁଡ଼ିକ ଶୁଣାଣି କରି ଫଇସଲା କରିବା ବିଚାରପତିମାନଙ୍କର ପରିସରଭୁକ୍ତ। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଶ୍ନ କରିଥିଲେ ଯେ, ଓଡ଼ିଶା ହାଇକୋର୍ଟରେ କେତେ ବିଚାରପତି ରହିବା ବିଧେୟ ଓ ଏବେ କେତେଜଣ ଅଧିଷ୍ଠିତ ଅଛନ୍ତି। ଏହି ବିଚାରପତିମାନେ ତାଙ୍କର ପୂର୍ଣ୍ଣଶକ୍ତି ନିୟୋଗ କଲେ କେତେବର୍ଷ ଭିତରେ ବାକିଥ। ଜମା ହୋଇଥିବା ମାମଲାଗୁଡ଼ିକ ଫଏସଲା ହୋଇପାରିବ।

## ସାମସଙ୍ଗ ଇଜିଜିଇ ସିଜିନ ୯ର ବିଜେତା ଗଣକୌଶଳର ସମାଧାନକୁ ପୁନଃ ନିର୍ଣ୍ଣୟ କରିବ

**ଭୁବନେଶ୍ୱର, ୬।୧୨ (ମହାଭାରତ):** ଚଳିତ ବର୍ଷ ୪୦ଟି ପ୍ରିମିୟମର କ୍ୟାମ୍ପସ ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ମହାବିଦ୍ୟାଳୟ ତଥା ଡ଼ିଜାଇନ ବିଦ୍ୟାଳୟ ଗୁଡ଼ିକ ମଧ୍ୟରୁ ୧୫୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କର ଏହି କାର୍ଯ୍ୟକ୍ରମରେ ଯୋଗଦାନ ରହିଛି। ଅଭିନବୀକରଣୀୟ ତଥା ମିଳିତ ସହଯୋଗର ଧାରାକୁ ପ୍ରତିପାଦିତ କରିବା ପାଇଁ ଦେଶରେ କେତେଜଣ ମେଧାବୀ ଛାତ୍ର ସେମାନଙ୍କର ଅନ୍ତର୍ନିହିତ ବିନିମୟ ଭାବଧାରାକୁ ଦକ୍ଷତା ଏବଂ ଏଥି ସହିତ ବାନ୍ଧି ହୋଇ ରହିବାର କଳାକୁ ପ୍ରଦର୍ଶନ କରିଛନ୍ତି। ଚୁଡ଼ାନ୍ତ ପ୍ରତିଯୋଗିତା ଗୁରୁଗ୍ରାମରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଜେବି ପାର୍କ, ସଭାପତି ଏବଂ ସିଇଓ, ସାମସଙ୍ଗ ଏବଂ ଦକ୍ଷିଣ ପଶ୍ଚିମ ଏସିଆ ତଥା ସାମସଙ୍ଗ ଇଣ୍ଡିଆର ଅନ୍ୟାନ୍ୟ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ରହିଥିଲେ। "ସାମସଙ୍ଗରେ ଆମେ ସମ୍ପାଦନ କରୁଥିବା ସବୁକାର୍ଯ୍ୟ ମଧ୍ୟରେ ଅଭିନବୀକରଣ ସଦୃଶ୍ୟ ଅଟେ। ବର୍ଦ୍ଧିତ ଗ୍ରାହକ ଅଭିଜ୍ଞତା ନିମନ୍ତେ ବର୍ଷସାରା ସାମସଙ୍ଗର ଏହି ଇ.ଡ଼ି.ଜି.ଇ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବା ସହିତ ଜାରି ରହିଛି ଯାହାକି ସେମାନଙ୍କର ସୃଜନଶୀଳ ସମାଧାନ ପ୍ରଦର୍ଶନ ସହିତ ପ୍ରଦାନ କରିଛି। ଚଳିତ ବର୍ଷ ଯାହା ଆମକୁ ଅଧିକ ପ୍ରେରଣା ପ୍ରଦାନ କରିଛି ଓ ଆମେ ଏଥିରେ ଚକିତ ପଡ଼ିଛି ତାହା ହେଉଛି ଅଧିକରୁ ଅଧିକ ଛାତ୍ରଛାତ୍ରୀ ତଥା ବିଭିନ୍ନ ପ୍ରକାରର କ୍ୟାମ୍ପସର ଏଥିରେ ବହୁମାତ୍ରାରେ ଯୋଗଦାନ। ଏହି ଯୁବଗୋଷ୍ଠୀଙ୍କ ବର୍ଗଙ୍କ ମନରେ ରହିଥିବା ଅଭିନବୀକରଣ ଏବଂ ସମସ୍ୟା ସମାଧାନର ଧାରା ଆମକୁ ବିସ୍ମିତ କରିଥିଲା ଯାହାକି ଏକ ମୁକସାକ୍ଷୀ ଭାବରେ ବିଦ୍ୟମାନ" ମତବ୍ୟକ୍ତ କରି କହିଛନ୍ତି ଜେବି ପାର୍କ, ସଭାପତି ଏବଂ ସିଇଓ, ସାମସଙ୍ଗ ଏବଂ ଦକ୍ଷିଣ ପଶ୍ଚିମ ଏସିଆ ତଥା ସାମସଙ୍ଗ ଇଣ୍ଡିଆ।

# ୧୦ ବର୍ଷରେ ୪୦୩ଦାଦନଙ୍କ ମୃତ୍ୟୁ

**ଭୁବନେଶ୍ୱର, ୬।୧୨ (ମହାଭାରତ):** ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିବା ଶ୍ରମିକମାନଙ୍କ ମଧ୍ୟରୁ ଗତ ୧୦ବର୍ଷ ମଧ୍ୟରେ ୪୦୩ ଜଣ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ୫୯ଜଣ ଗଞ୍ଜାମ ଜିଲ୍ଲାର ରହିଛନ୍ତି।

ପ୍ରବାସୀ ଶ୍ରମିକଙ୍କ ଉପରେ ବିଜେପି ବିଧାୟକ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ଯେ ଚଳିତ ବର୍ଷ ନଭେମ୍ବର ୨୭ତାରିଖ ସୁଦ୍ଧା ୪୦୩ ଜଣ ପ୍ରବାସୀ ଶ୍ରମିକମାନଙ୍କର ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୫୯ଜଣ ଥିବାବେଳେ କଳାହାଣ୍ଡିର ୩୯, ବଲାଙ୍ଗିରର ୩୫, କନ୍ଧମାଳର ୩୨, ରାୟଗଡାର ୨୮, ବୌଦ ଓ ନୂଆପଡାରୁ ୧୮ଜଣ, ଖୋର୍ଦ୍ଧାରୁ ୧୭, ନବରଙ୍ଗପୁରର ୧୭, କେନ୍ଦ୍ରାପଡାର ୧୪, ନୟାଗଡର ୧୩, ସମ୍ବଲପୁରର ୧୨ ଓ ମୟୁରଭଞ୍ଜର ୧୦ଜଣ ଶ୍ରମିକ ରହିଛନ୍ତି। ସମ୍ବଲପୁର ଜିଲ୍ଲା ଏହି ତାଲିକାରେ ନଥିବାବେଳେ ଅନ୍ୟ ଜିଲ୍ଲାଗୁଡିକରେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ଏକ ଅଙ୍କରେ ସୀମିତ ରହିଛି। ମନ୍ତ୍ରୀ କହିଛନ୍ତି ୨୦୧୪ ମସିହାରେ ଶ୍ରମିକମାନଙ୍କୁ ବାହାରକୁ କାମ କରାଇବାକୁ ନେବାପାଇଁ ୩୮୮ଟି ଲାଇସେନ୍ସ ମଞ୍ଜୁର ହୋଇଥିବାବେଳେ ୨୦୨୪ରେ ବର୍ତ୍ତମାନ ସୁଦ୍ଧା ତାହା ୮୮୩ରେ ପହଞ୍ଚିଛି । ଏହି ବର୍ଷଗୁଡିକରେ ବଲାଙ୍ଗିର ଜିଲ୍ଲାରେ ସର୍ବାଧିକ ଲାଇସେନ୍ସ ପ୍ରଦାନ କରାଯାଇଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୬୦ହଜାରକୁ ଟପିଯାଇଛି। ୨୦୧୪ ମସିହାରେ ଏହା ୨୬ହଜାରରୁ ସାମାନ୍ୟ ଅଧିକ ରହିଥିଲା।

## ବିଦେଶରୁ ପୁଞ୍ଜି ସଂଗ୍ରହ

ଓଡ଼ିଶାରେ ଶିଳ୍ପ ପାଇଁ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି । ବିଶେଷ କରି ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଏଠାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଇସ୍ପାତ, ଆଲୁମିନିୟମ ଉତ୍ପାଦନ ନିମନ୍ତେ କଞ୍ଚାମାଲର ଅଭାବ ନାହିଁ । ପାଣି ଏବଂ ବିଦ୍ୟୁତ ।କ୍ତି ମଧ୍ୟ ଉପଲବ୍ଧ ଏବଂ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ରହିଛି । ଏହା ବ୍ୟତିତ ଆଇଟି ଏବଂ କୃଷି ଭିତ୍ତିକ ଶିଳ୍ପ ନିମନ୍ତେ ମଧ୍ୟ ସୁଯୋଗ ରହିଛି । ସମସ୍ୟା ହେଉଛି ଜମି । ଯେ କୌଣସି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ହେଉଛଇ ପ୍ରଥମ ଆବଶ୍ୟକତା । ଓଡ଼ିଶାର ଅଧିକାଂଶ ଜମି ହେଉଛି ଚାଷଜମି ବା ଜଙ୍ଗଲ ଜମି । ତେଣୁ ଜମି ଅଧିଗ୍ରହଣ ଏପରିକି ସରକାରୀ ଜମି ମଧ୍ୟ ଅଧିଗ୍ରହଣ କରିବା କଷ୍ଟକର ହେଉଛି । ଲୋକେ ଶିଳ୍ପ ପାଇଁ ଜମି ଛାଡ଼ିବାକୁ ନାରାଜ । ଏହାର ଯଥାର୍ଥତା ମଧ୍ୟ ରହିଛି । ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ । ଏହା ବେଶ ସମୟସାପେକ୍ଷ । ଏହି କାରଣରୁ ପୋସ୍କୋ ପ୍ରକଳ୍ପ ଓଡ଼ିଶାରୁ ଓହରିଯାଇଥିଲା । ଅତୀତରେ ନବୀନ ପଟ୍ଟନାୟକ ସରକାର ମଧ୍ୟ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପୁଞ୍ଜି ସଂଗ୍ରହ ନିମନ୍ତେ ଅନେକ ପ୍ରୟାସ କରିଥିଲେ । ପୂର୍ବରୁ ବିଜୁ ପଟ୍ଟନାୟକ ଏବଂ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱାଧିନ ସରକାର ମଧ୍ୟ ପ୍ରୟାସ କରିଛନ୍ତି । ବିଜୁ ବାବୁ କଳିଙ୍ଗନଗରରେ ସ୍ୱରାଜ ପଲଙ୍କ କାପାରୋ ଗ୍ରୁପକୁ ବୃହତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପ୍ରରୋଜିତ କରି ବିଫଳ ହୋଇଥିଲେ । କଂଗ୍ରେସ ଶାସନ କାଳରେ ଗୋପାଳପୁରରେ ଟାଟା ପ୍ରକଳ୍ପ ପ୍ରତିଷ୍ଠା ଉଦ୍ୟମ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ବିଫଳ ହୋଇଥିଲା । ପରେ ନବୀନ ବାବୁଙ୍କ ପ୍ରୟାସ ଫଳରେ କଳିଙ୍ଗନଗରରେ ଟାଟା ପ୍ରକଳ୍ପ ପ୍ରତିଷ୍ଠା ହେଲା । କିନ୍ତୁ ଏଥିପାଇଁ କିଛି କମ କଷ୍ଟ କରିବାକୁ ପଡ଼ିନାହିଁ । ଆଦିବାସୀଙ୍କ ବିରୋଧ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା । ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାକୁ ପୁଞ୍ଜି ଆକୃଷ୍ଟ କରିବାକୁ ଅନେକ ପ୍ରୟାସ କରାଯାଇଛି । ଓଡ଼ିଶାରେ ଅନେକ ଥର ନିବେଶକ ସମ୍ମିଳନୀ ହୋଇଛି । ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁରେ ଆଲୋଚନା ବୈଠକ, ରୋଡ ଶୋ ହୋଇଛି । ବିଦେଶରେ ମଧ୍ୟ ଅନେକ ନିବେଶକଙ୍କ ସହ ଆହଲୋଚନା ବୈଠକ, ସମ୍ମିଳନୀ ହୋଇଛି । ଅନେକ ପ୍ରତିଶ୍ରୁତି ମଧ୍ୟ ମିଳିଛି । କିନ୍ତୁ ସେଥିରୁ ଖୁବ କମ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି । ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିଲାଗି ସାନି ପ୍ରୟାସ ଆରମ୍ଭ କରିଛନ୍ତି । ଏହା କେତେଦୂର ସଫଳ ହେବ ତାହା ସମୟ କହିବ । କିନ୍ତୁ ପ୍ରଶ୍ନ ହେଲା ବାସ୍ତବରେ ଓଡ଼ିଶାରେ ଘରୋଇ ପୁଞ୍ଜିନିବେଶର କେତେ ଆବଶ୍ୟକତା ରହିଛି ? କେଉଁ କ୍ଷେତ୍ରରେ ଏହା ସମ୍ଭବ ? ଓଡ଼ିଶାରେ ବିପୁଳ ପରିମାଣର ଖଣିଜ ସମ୍ପଦ ରହିଛି । ଏହାର ବିନିଯୋଗ ଲାଗି ଅନେକ ଶିଳ୍ପ ପ୍ରତିଷ୍ଠା ହୋଇଛି । ଆହୁରି ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାର ସୁଯୋଗ ରହିଛି । କିନ୍ତୁ ଖାଲି ଉତ୍ପାଦନ ହେଲେ ହେବନି । ଏହାର ବଜାର ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ରହିଛି । ବିଶ୍ୱ ବଜାରରେ ଚାହିଦାକୁ ଦୃଷ୍ଟିରେ ରଖି ଏସବୁ ଶିଳ୍ପ ପ୍ରତିଷ୍ଠା କରାଯିବା ଉଚିତ । ଯେତିକି ଶିଳ୍ପ ରହିଛଇ, ତାହା କେତେଦୂର ଲାଭଜନକ ହୋଇପାରିଛି ତାହାକୁ ମଧ୍ୟ ଦେଖିବାକୁ ପଡ଼ିବ । କଳିଙ୍ଗନଗରରେ ଟାଟା ନିଜ ଉତ୍ପାଦନ ସାମର୍ଥ୍ୟ ବୃଦ୍ଧି ଯୋଜନା କରିଛି । ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନିୟମ ମଧ୍ୟ ଏଭଳି ଯୋଜନା କରିଛି । ଏଥିଲାଗି ବିପୁଳ ଖଣିଜ ସମ୍ପଦ ଆବଶ୍ୟକ । ଓଡ଼ିଶାରେ ଯେତିକି ଲୁହାପଥର, ମାଙ୍ଗାନିଜ, ବକ୍ସାଇଟ ଆଦି ରହିଛି ତାହା ଯେପରି ଆଉ କିଛି ବର୍ଷ ପର୍ଯ୍ୟନ୍ତ ଶିଳ୍ପ ଉତ୍ପାଦନକୁ ଜାରି ରଖିବ ସେଥିଲାଗି ଯୋଜନା ପ୍ରସ୍ତୁତ ହେବା ଉଚିତ ।

## ଭିତରକନିକାର ଭିତିରି କଥା

**॥ ବାଦଲ ଭୂୟାଁ ॥**

> “ ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି ।

ଭିତରକନିକାର ବିଶ୍ ପ୍ରସିଦ୍ଧ କୁମ୍ଭୀର, ଡ଼ଲଫିନ, ଅଲିଭ୍ ରିଡ଼ଲେ କଇଁଛ, ହେନ୍ତାଳବଣ, ବିସ୍ତୃତ ବେଳାଭୂମି ସହିତ ଜୀବଜନ୍ତୁ ଭରା ସବୁଜ ସୁନ୍ଦର ପରିବେଶ ଦେଶ ବିଦେଶର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ । ବିଗତ ଏକ ଦଶନ୍ଧି ହେଲା, ମୁଁ ପ୍ରତି ବର୍ଷ ଭିତରକନିକା ଭ୍ରମଣ କରିବାକୁ ଯାଇଛି । ଏମିତି ଯିବା ଆସିବା ଭିତରେ ଅନେକ ଅନୁଭୂତିର କଥା ମଧ୍ୟ ଅଛି । ଗତ ବର୍ଷ ମୁଁ ଓ ମୋର ଛଅ ଜଣ ବନ୍ଧୁ ଭିତରକନିକା ବୁଲିବାକୁ ଯାଇଥିଲୁ । ଭିତରକନିକା ଅଭୟାରଣ୍ୟ ମଧରେ ବୋଟରେ ବୁଲିକି କୁମ୍ଭୀର, ପଶୁପକ୍ଷୀ ତଥା ହେନ୍ତାଳ ବଣ ଦେଖିବା ଅତି ଆକର୍ଷଣୀୟ । ବୋଟ ଚାଳକ କହିଲେ ବୋଟର କ୍ଷମତା ୨୦ ଜଣ, ଜଣେ ଲୋକ ଗଲେ ଯେତିକି ଟଙ୍କା ପଡିବ, ୨୦ ଜଣ ଗଲେ ମଧ ସେତିକି ଟଙ୍କା ଲାଗିବ । ତେଣୁ ଆମେ ଚିନ୍ତା କଲୁ ଯଦି ଆଉ କିଛି ପର୍ଯଟକ ଆମ ସହିତ ମିଶିକି ବୁଲନ୍ତେ ତେବେ ଟଙ୍କା ଭାଗକରି ଦେଲେ ଖର୍ଚ୍ଚ ପରିମାଣ କମିଯାଆନ୍ତା । ଯାହା ହେଉ ଆଉ ତିନି ଜଣ ପର୍ଯ୍ୟଟକ ମିଳିଗଲେ । ସେମାନଙ୍କ ମଧରେ ୨ ଜଣ ପୁରୁଷ ଓ ଜଣେ ମ୍ୟାଡାମ୍ ଥିଲେ ।

ବୋଟରେ ଯାତ୍ରା କରୁଥିବା ସମୟରେ ବିଭିନ୍ନ କଥା ଆଲୋଚନା ଚାଲିଥାଏ କିନ୍ତୁ ସେ ମ୍ୟାଡାମ୍ ଜଣକ ଚୁପଚାପ ଥାଆନ୍ତି । କିଛି ସମୟ ପରେ ମୋର ଜଣେ ବନ୍ଧୁ କହିଲେ ସମସ୍ତେ ମିଶିକି ଗୋଟେ ଫଟୋ ଉଠେଇବା । ତା'ପରେ ବନ୍ଧୁ ପଚାରିଲେ ମ୍ୟାଡାମ୍ ଆପଣ କେଉଁଠାରୁ ଆସିଛନ୍ତି ? କ'ଣ କରନ୍ତି ଆପଣ ? ମ୍ୟାଡାମ୍ ଟିକେ ରାଗିଲା ଭଳି କହିଲେ ମୋ ବିଷୟରେ ଜାଣିବାକୁ ଆପଣ କାହିଁକି ଏତେ ବ୍ୟସ୍ତ ? ଖବର କାଗଜ ଓ ଟିଭି ମାଧମରେ ଜାଣିବାକୁ ମିଳୁଛି । ପ୍ରତିଦିନ ଠକ ଓ ଚୋରମାନେ ନୂଆ ନୂଆ ପ୍ରକାରର କୌଶଳ ଅବଲମ୍ବନ କରି ଅନେକ ଝିଅ ଓ ମହିଳା ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ଅଜଣା ଲୋକଙ୍କ ସହିତ ବେଶି ମିଶିବା, ସେମାନଙ୍କ ସହିତ ଫଟୋ ଉଠେଇବା ଓ ବ୍ୟକ୍ତିଗତ କଥା ସେୟାର କରିବା ଠିକ ନୁହେଁ । ଏପ୍ରକାର କଥା ଶୁଣି ମୁଁ କହିଲି ମ୍ୟାଡାମ୍ ଆପଣଙ୍କୁ ଆମେ ସବୁ ଚୋର ଆଉ ଠକ ଭଳି ଦେଖାଯାଉଛୁ କି ? ମ୍ୟାଡାମ୍ କହିଲେ ଅନେକ ଅଛନ୍ତି ଭଦ୍ରଲୋକ ପରି କଥା କୁହନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କର ପ୍ରକୃତ ରୂପ ଜଣାପଡେ, ସେତେବେଳକୁ ସେମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ନଥାଏ । ଆଜିକାଲି ଦୁନିଆରେ ଏମିତ ସବୁ ଘଟୁଛି ଯେ ଠକମାନେ ବିଭିନ୍ନ ଉପାୟରେ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥାନ୍ତି ତା'ପରେ ବ୍ଲାକମେଲ୍ କରିଥାନ୍ତି । ମନ୍ଦ ଉଦେଶ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଫଟୋ ପାଇଗଲେ ତାକୁ କମ୍ପୁଟର ମାଧମରେ ପରିବର୍ତ୍ତନ କରି ଫେକ ଆକାଉ ଖୋଲି ପୋଷ୍ଟିଂ କରିଥାନ୍ତି, ଆଜିକାଲି ଏଗୁଡା ନିତି ଦିନିଆ ହୋଇଗଲାଣି । ଦୟାକରି ମୋ କଥାକୁ ଖରାପ ଭାବନ୍ତୁନି । ଯାହା କହିଲି ଆଜିକାଲିର ପରିସ୍ତିତିକୁ ଦେଖିକି କହିଛି, କିଛି ମନ୍ଦ ଲୋକଙ୍କ କାର୍ଯ୍ୟ ପାଇଁ ଭଲ ଲୋକମାନଙ୍କୁ ମଧ ବିଶ୍ୱାସ କରି ହଉନି । ଅବିଶ୍ୱାସର ବାତାବରଣ ମଧରେ ସବୁ କିଛି ଚାଲିଛି । ଆମେ ନାରୀମାନେ ଠକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାରେ ପଡୁଛୁ । ମୁଁ କହିଲି ଆପଣ ଯାହା କହିଲେ ଠିକ୍ କଥା, ଆଜିକାଲିକା ପରିସ୍ଥିତି ବି ସେମିତି ହୋଇଗଲାଣି । ନିଜେ ସଚେତନ ହେଲେ, ଠକ ମାନଙ୍କ କବଳରୁ ବହୁ ପରିମାଣରେ ରକ୍ଷା ପାଇପାରିବା ।

ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି । ଯେମିତିକି ପୁଅଟି ଦେଖିବାକୁ କେମିତିକା, ତା'ର ବ୍ୟବହାର, ପୁଅର ଘରେ ସବୁ କିଏ କିଏ ଅଛନ୍ତି, ସେମାନେ କଣ କରୁଛନ୍ତି, ସେମାନଙ୍କ ବ୍ୟବହାର କେମିତିକା, ପୁଅ କେଉଁ ସାଙ୍ଗମାନଙ୍କ ସହିତ ମିଶୁଛି, ନିଶା ଖାଉଛି କି ନାହିଁ, କେଉଁ ଅନୁଷ୍ଠାନରେ ପଢୁଥିଲା, ଚାକିରି କରିଥିବା ଅନୁଷ୍ଠାନରେ ବୁଝନ୍ତି ପୁଅ ଚାକିରି କରିଛି କି ନାହିଁ, ସ୍ଥାୟୀ କି ଅସ୍ଥାୟୀ, କେତେ ଦରମା ପାଉଛି, ଏମିତି କେତେ କ'ଣ । ପୁଅଟି ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ଅନେକ ପ୍ରକାର ମାଧ୍ୟମ ଅବଲମ୍ବନ କରାଯାଇଥାଏ । ସେ ଝିଅମାନେ ସେ ବାବୁଙ୍କ ବିଷୟରେ ଏମିତି କ'ଣ ସବୁ ବୁଝିଲେ ଯେ ଗୋଟେ ପରେ ଗୋଟେ ବାହା ହୋଇପଡିଲେ ? ସାଧାରଣତଃ ଜଣେ ପରିବା କିଣିଲା ବେଳେ ପରିବାକୁ ହାତରେ ନେଇ ବାରମ୍ବାର ଦେଖିଥାଏ । ତା'ପରେ ମନ ନବୁଝିଲେ ଦୋକାନୀକୁ ପଚାରେ ବାଇଗଣ କେଉଁଠାରୁ ଆଣିଛ, ଶୁଖିଗଲାଣି, ଦେଶୀ ନା ବିଦେଶୀ ଏମିତି କେତେ କ'ଣ । ଯଦି ପରିବା କିଣିବାବେଳେ ଏତେ ସଚେତନ ତେବେ ଜୀବନସାଥୀ ବାଛିଲା ବେଳେ କେତେ ସଚେତନ ହେବା କଥା ? ମ୍ୟାଡାମ୍ କହିଲେ ଆପଣ ଯାହା କହୁଛନ୍ତି ସତ କଥା କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ମହିଳା ଜଣକ ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଦୁଷ୍କର୍ମ, ଯୌତୁକ ହତ୍ୟା ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ରହିଛି ତା'ପରେ ମଧ ଅନେକ ମହିଳା ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର ଏବଂ ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯାହା ଫଳରେ ଜଣେ ଖରାପ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବ । ମୁଁ କହିଲି ପରିସ୍ଥିତି ଏମିତି ହୋଇଗଲାଣି ଯେ ପ୍ରତିଦିନ ନୂଆ ନୂଆ ପ୍ରକାରର ଘଟଣା ଘଟୁଛି । ପ୍ରଥମେ ନିଜେ ସଚେତନ ହେଲେ ଓ ସତର୍କତା ଅବଲମ୍ବନ କଲେ, ଆମେ ନିଜକୁ ସୁରକ୍ଷିତ ରଖିପାରିବା ।

ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

## ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦଚନ୍ଦ୍ର

**॥ ଡଃ ବାସୁଦେବ ଦାସ ॥**

ଉନବିଂଶ ଶତକର ସପ୍ତମ ଦଶକ ବେଳକୁ ନବଜାଗରଣ ଶୁଭଶଙ୍ଖ ନିନାଦିତ ହୁଏ । ଅଭିଜାତ ଶିକ୍ଷିତ ବର୍ଗ ନବ ଚେତନାରେ ମାତୃଭୂମି ଓ ମାତୃଭାଷା ସଂବଳୀ ସ୍ୱର ଉତୋଳନ କରନ୍ତି । ସେହି ସମୟ ଖଣ୍ଡ ମଧ୍ୟରେ ବହୁ ମାତୃ ଭକ୍ତଙ୍କର ଧରାବରଣ ହେବାର ଦେଖାଯାଏ । ଓଡିଶା ଏହି ନବଜାଗରଣକୁ ସ୍ୱାଗତ କରିଛି । ସତ୍ୟବାଦୀ ବକୁଳବନର ସାଧକ ମାନଙ୍କର ଆବିର୍ଭାବ ଓ ସେମାନଙ୍କ କର୍ମ ପରିସର ଏଜାତି ପାଇଁ ଥିଲା ଏକାନ୍ତ ଶୁଭପ୍ରଦ । ସେମାନଙ୍କର ସମସାମୟିକ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା । କେନ୍ଦ୍ରାପଡାର କନିକା ଅଂଚଳର ଡାଳିକାଏନ୍ଦା ଏକ ଅଖ୍ୟାତ ପଲ୍ଲୀ । ଏହି ଗ୍ରାମର ଜେନା ସାହିର ସୁଖ୍ୟାତି ଥିଲା । ଖଗେଶ୍ୱର ଜେନା ବଙ୍ଗ- ସରକାରଙ୍କ ଅଧୀନତାରେ ପୋଲିସ ଚାକିରି କରିଥିଲେ । ଖଗେଶ୍ୱର ଥିଲେ ସ୍ୱାଧୀନ ଚେତା । ତତକାଳୀନ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଖଗେଶ୍ୱରଙ୍କ ଘନିଷ୍ଠ ସଂପର୍କ ରହିଥିଲା । ସ୍ୱାଧୀନ ମତବ୍ୟକ୍ତ କରି ଖଗେଶ୍ୱର ଚାକିରିରୁ ବର୍ଖାସ୍ତ ହୋଇ ଜଗଦଳ ପୁରରେ ଏକ ଲୁହା ଲକଡି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ । ଖଗେଶ୍ୱର ଓ ପତ୍ନୀ ସୁଷମାଙ୍କ କୁଳରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପୁତ୍ର ସଂତାନ । ତାଙ୍କର ସାତ ଝିଅ ପରେ ପୁତ୍ରଜାତ ହେତୁ ତାଙ୍କୁ “ଆନନ୍ଦ” ନାମ ରଖିଥିଲେ । ପିତା ଘରକୁ ଆସିଲେ ଆନନ୍ଦଙ୍କୁ ଶ୍ରୀ ଅରବିନ୍ଦ ଚିତରଂଜନ ଦାସ, ରାସବିହାରୀ ଘୋଷଙ୍କ ଭଳି ଜାତୀୟ ବୀର ମାନଙ୍କ କଥା କହିବା ସହ ଦେଶ ଜାତିର ଗୌରବ ସଂପର୍କରେ ପୁତ୍ର ଆନନ୍ଦ ଚନ୍ଦ୍ରଙ୍କୁ ଶୁଣାନ୍ତି ।

ଡାଳିକାଏନ୍ଦା ଚାଟଶାଳୀର ପ୍ରାଥମିକ ଶିକ୍ଷାଲାଭ ପରେ ଆଳି ମାଇନର ସ୍କୁଲ ଓ ଚାନ୍ଦବାଲି ହାଇସ୍କୁଲରୁ ଏଂଟ୍ରାନ୍ସ ପାସ କରି ବାପାଙ୍କ ପାଖକୁ କଲିକତା ଯାତ୍ରା କରିଥିଲେ । ସେହି ସମୟରେ ୧୯୧୨ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଆନନ୍ଦ ଚନ୍ଦ୍ର ବ୍ରିଟିଶ ସରକାରଙ୍କର ରୋଷର ଶିକାର ହୋଇ ମାତୃଭୂମିକୁ ପ୍ରତ୍ୟାବର୍ତନ କରିଥିଲେ । ୧୯୧୪ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଯୋଗଦାନ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀର ମୋହନଙ୍କ ସହିତ ପରିଚିତ ହୋଇ ପାରିଥିଲେ । ଏଠାରେ ସ୍ମରଣୀୟଯେ ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ସ୍ତବ୍ଧ କାତର ହୋଇଯାଇଥିଲା ।

ଜାତୀୟ ସ୍ତରରେ ଆଉ ଏକ ଚେତନାର ମଳୟ ବହିଲା । ଜାତୀୟ କଂଗ୍ରେସର ପ୍ରଚାର ଓ ପ୍ରସାର ପାଇଁ ଅଂଟା ଭିଡିଲେ ନେତୃବୃନ୍ଦ । ଆନନ୍ଦ ଚନ୍ଦ୍ରଙ୍କୁ ଏହି ଆହ୍ୱାନ ଉଦବୁଦ୍ଧ କରି ସାରିଥିଲା । ୧୯୧୭ ମସିହାରେ ମହାତ୍ମାଗାନ୍ଧିଙ୍କୁ ସାକ୍ଷାତ କରିବାକୁ ଯାଇ ସେଠାରେ ଭାରତର ମୁକ୍ତି ଓ ସେବା ସଂପର୍କରେ ତିନିମାସ ଅତିବାହିତ କରି ଫେରିଥିଲେ । ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମର ଓଡିଶାର ପ୍ରଥମ ଓଡିଆ ଛାତ୍ର ଭାବେ ପରିଗଣିତ ହୋଇଥିଲେ । ୧୯୧୯ରେ ପଂଜାବର ଜାଲିଓ୍ୱନାଓ୍ୱାଲା ବାଗରେ ନୃଶଂସ ଡାୟାରର ଗୁଳିବର୍ଷଣରେ ବହୁ ଲୋକଙ୍କର ପ୍ରାଣହାନି ଭଳି ଲୋମହର୍ଷଣ କାରୀ ଘଟନା ଭାରତବାସୀଙ୍କ ମନରେ ବିଦ୍ରୋହର ବୀଜ ବପନ କରିଥିଲା ।

କନିକା ଓଡିଶାର ଏକ ରାଜ ଶାସନ ଅଂଚଳ /ଜମିଦାର । ୧୯୦୪ ମସିହାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ପ୍ରଜାପାଉତି ନୀତିର ଉଚ୍ଛେଦ କରିବା ଫଳ ପ୍ରଜାମେଳି ଆରମ୍ଭ ହୋଇଥିଲା, ଯାହାର ନେତୃତ୍ୱ ଗ୍ରହଣ କରିଥିଲେ ବର୍ତନୀର ଦୀନବନ୍ଧୁ ଖଣ୍ଡାୟତ ରାୟ । ତେଣୁ କନିକା ବାସୀଙ୍କ ପ୍ରତି ରାଜାଙ୍କର ଅବିଚାର ଆରମ୍ଭ ହୋଇ ଯାଇଥିଲା । ସେତେବେଳକୁ ଆନନ୍ଦ ଚନ୍ଦ୍ର ଗଙ୍ଗାଧର ପଣ୍ଡାଙ୍କ ଘରେ ଏକ ସ୍କୁଲ ପ୍ରତିଷ୍ଠା କରି ଆନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ହେଲେଣି । ତାଙ୍କୁ କେନ୍ଦ୍ରାପଡା ମ୍ୟୁନିସପାଲିଟି ମାସିକ ଦୁଇ ଟଙ୍କା ଗ୍ରାଂଟ ଦେଉଥିଲେ । ଯେଉଁ ଛାତ୍ର ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରୁଥିଲେ, ସେମାନଙ୍କୁ ଇଂରେଜ ସରକାର ବିରୋଧରେ, ଭାରତକୁ ସ୍ୱାଧୀନ କରିବା ବିଷୟରେ ଶିକ୍ଷା ଦିଅନ୍ତି । ସନ୍ଧ୍ୟାରେ ତାଙ୍କ ପାଖରେ ଗାଁ ଲୋକେ ନୂଆ ନୂଆ ଖବର ଓ ଦେଶ ବିଷୟରେ ଜାଣିବାକୁ ଆସନ୍ତି । ୧୯୨୦ ଅଗଷ୍ଟ ୮ ତାରିଖରେ ନିଷ୍ପତି ହେଲା ବ୍ରିଟିଶ ସରକାରଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରାଯିବ ନାହିଁ । ବ୍ରିଟିଶ ଦ୍ରବ୍ୟ ବର୍ଜନର ଆହ୍ୱାନ ଗାନ୍ଧିଜୀ ଦେଇ ସାରିଥିଲେ । ଏହି ସମୟରେ ୧୯୨୨ ମସିହାରେ କନିକା ନରେଶ ୬୪ କର ଧାର୍ଯ୍ୟ କରିବା ଫଳରେ ପ୍ରଜା ଅସନ୍ତୋଷ ତୀବ୍ର ରୂପ ଧାରଣ କଲା । ଆନନ୍ଦ ଚନ୍ଦ୍ର ଜଣେ ସମାଜ ସଚେତନ କବି । ସେ ରାଜାଙ୍କର ୬୪ କର ଓ ଆଦାୟର ଉତପୀଡନକୁ କେନ୍ଦ୍ର କରି ଲେଖିଲେ “ଦୁଃଖିନୀ କନିକା” । ଅସୀ ଠାରୁ ମସୀ ଶକ୍ତିଶାଳୀ । ଏ ବହି ନୁହେଁ ବୋମା । ହାତକୁ ହାତ ଦୁଃଖିନୀ କନିକା ପ୍ରସାରିତ ହେବା ଦ୍ୱାରା ରାଜା ଏ ସଂପର୍କରେ ବ୍ରିଟିଶ ସରକାରଙ୍କ ଦୃଷ୍ଟିଗୋଚର ହେଲା । କବି ରାଧାନାଥ ରାୟଙ୍କ ମହାକାବ୍ୟ “ମହାଯାତ୍ରା” ବ୍ୟାଜ୍ୟାପ୍ତି ହେବା ପରେ “ଦୁଃଖିନୀ କନିକା” ବ୍ୟାନ ହେବାର ଗୋଟାଏ ଦୃଷ୍ଟାନ୍ତ ମହାତ୍ମା ଗାନ୍ଧିଙ୍କ ୟଙ୍ଗ ଇଣ୍ଡିଆ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିଲା । ଆନନ୍ଦ ଚନ୍ଦ୍ରଙ୍କର ଖ୍ୟାତି ଯେତିକି ବଢିଲା କନିକା ରାଜାଙ୍କର ତତୋଧିକ ଅକ୍ରୋସ ପଡିଲା ରାଜା ଅତ୍ୟାଚାରର ରୂପ “ଦୁଃଖିନୀ କନିକା”ରେ କିପରି ମର୍ମରିତ ତାର କେତୋଟି ପଦରୁ ପାଠକ ଅବବଗତ ହୋଇପାରିବେ ।

“ରୌଦ୍ରେ କେ ବସିଲା ଉଠିଲା, ପଥରେ ନାକ କେ ଘଷିଲା ।
ବିବିଧ ମାଡ କେ ସହିଲା, କେ ଗଳେ ନାଗରା ବାନ୍ଧିଲା ।
କେ କାଦୁଅରେ ପୋତା ଗଲା, କେ ବେତ ପ୍ରହାର ସହିଲା ।
ପାଦରେ କେ ଦଳି ହୋଇଲା, କେ ସ୍ଥାନ ଛାଡି ପଳାଇଲା”

ଏହି ଆହ୍ୱାନର ଭୟାବହ ପରିଣିତ ସ୍ୱରୂପ – ପ୍ରଜାମାନେ ବର୍ଦ୍ଧିତ ଖଜଣା ଦେବାକୁ ରାଜି ହେଲେ ନାହିଁ । ରାଜ କର୍ମଚାରୀଙ୍କ ଜିଦ ଯେ ବର୍ଦ୍ଧିତ ହାରରେ ଖଜଣା ନେବେ । କେତେକ ପ୍ରଜା କେନ୍ଦ୍ରାପଡା ଟ୍ରେଜରୀରେ ଖଜଣା ଜମାଦେଲେ । ପ୍ରଜାବୃନ୍ଦଙ୍କର ଦାବିଥିଲା ସରକାରୀ ବନ୍ଦୋବସ୍ତ ।

ସେ ସମୟର ବିହାର- ଓଡିଶା ଗଭର୍ଣ୍ଣର ସାର ହେନି ହୁଇଲର ବିଶ୍ୱାସ କଲେ ଯେ କଂଗ୍ରେସ ଆନ୍ଦୋଳନ କନିକାରେ ତୀବ୍ରତର ହେଉଛି ।ଆନନ୍ଦ ଜେନାଙ୍କ ୪୨ ଏକର ସମ୍ପତିକୁ ବ୍ରିଟିଶ ସରକାର ବ୍ୟାଜ୍ୟାପ୍ତି କରିଥିଲେ । ତେଣୁ ପ୍ରଜାଆନ୍ଦୋଳନକୁ ଦମନ କରିବା ପାଇଁ କଟକରୁ ସଶସ୍ତ୍ର ପୋଲିସ ଆସି ରାଜକନିକାରେ ଅକଥନୀୟ ଅତ୍ୟାଚାର କଲେ ବୋଲି ବିପ୍ଳବୀ ପ୍ରଫୁଲ୍ଲ ଦାସ କହିଛନ୍ତି । ଶେଷକୁ ଏସ ପି ଶ୍ରୀକୃଷ୍ଣ ମହାପାତ୍ର ଆଦେଶରେ ଗୁଳି ଚଳାଇବା ଫଳରେ ବାସୁ ସେଠୀ ଓ ବିଶୁନି ମଢୁଆଳ ପ୍ରାଣ ହରାଇଥିଲେ । ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ “ବନ୍ଦୀର ଆତ୍ମକଥା”ରେ ଏହି ଚିତ୍ର ପ୍ରତିଫଳିତ ହୋଇଅଛି । ଆନନ୍ଦ ଚନ୍ଦ୍ରଙ୍କୁ ମାରିଦେବାର ଷଡଯନ୍ତ୍ର ହେବାର ଜାଣି ଘୋର ନିଶାର୍ଥରେ ବିପଦ ସଂକୁଳ ଖରସ୍ରୋତା ନଦୀ ପହଁରି ଆଳିରେ ଆଶ୍ରୟ ନେଇଥିଲେ । ସେଠାରୁ ତାଙ୍କୁ କେନ୍ଦ୍ରାପଡା ଆଣି କେନ୍ଦ୍ରାପଡାର କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ, ବ୍ରହ୍ମାନନ୍ଦ ରାଉତ ଓ କେନ୍ଦ୍ରାପଡା ହାଇସ୍କୁଲର ଶିକ୍ଷକ ବାଲକୃଷ୍ଣ କର ହଜାରିବଗିଚା ଗ୍ରାମରେ ଥଇଥାନ କରାଇଥିଲେ । ଆନନ୍ଦ ଚନ୍ଦ୍ର ଜଣେ ଖ୍ୟାତ ନାମା କବି ଭାବେ ପରିଚିତ । କନିକା ବନ୍ଧୁ, ମାତୃଦେବୀ, ଭକ୍ତ ପ୍ରହ୍ଲାଦ, ମୂଢମତି, ବାର କଥା ଓ ଶତାଧିକ ଜାତୀୟ ସଂଗୀତ ରଚନା କରିଛନ୍ତି । ପ୍ରତ୍ୟେକ ରଚନାରେ ବୈପ୍ଳବିକ ଚେତନା ରହିଅଛି ।

ଆନନ୍ଦ ଚନ୍ଦ୍ର ୧୯୩୦ ମସିହା ଲବଣ ସତ୍ୟାଗ୍ରହ ୧୯୩୪ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । କନିକା ମଣ୍ଡଳରୁ ସେ ୪୦୦୦ କଂଗ୍ରେସ ସଦସ୍ୟ କରି ବେଶ ଚର୍ଚ୍ଚିତ ହୋଇଥିଲେ । ମହାନ ବିପ୍ଳବୀଙ୍କୁ ରାଜ ଚକ୍ରାନ୍ତରେ କେନ୍ଦ୍ରାପଡାର ଏକ ବସାଘରେ ବିଷପାନ କରାଇ ମାରିଦିଆଗଲା ୧୯୪୬ ମସିହା ଜାନୁଆରୀ ୨୭ ତାରିଖରେ । ସୁଖର କଥା- ତାଙ୍କ ସ୍ମୃତିରେ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଆନନ୍ଦ ଚନ୍ଦ୍ର ଜେନାଙ୍କର ଏକ ପ୍ରତିମୂର୍ତି ନିର୍ମିତ ହୋଇ ବିପ୍ଳବର ମାର୍ଗ ଦର୍ଶାଉଅଛି । ପ୍ରତିବର୍ଷ ଜୟନ୍ତୀ ଓ ଶ୍ରାଦ୍ଧ ପାଳନ କରାଯାଉଅଛି ।

ବଳଦେବ କଲୋନି, ଜୟପୁରା, କେନ୍ଦ୍ରାପଡା

## ବଢୁଛି ହାଇପୋଥର୍ମିଆ

**॥ ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର ॥**

ପ୍ରବଳ ଥଣ୍ଡା ଯୋଗୁ ମାନସିକ ଚାପ ସୃଷ୍ଟି ହୋଇପାରେ । ଯାହାକୁ ହାଇପୋଥର୍ମିଆ ବା ଅଳ୍ପତାପ କୁହନ୍ତି । ଏହାର ଅନ୍ୟନାମ କୋଲ୍ଡ ଟ୍ରେସ ସିଣ୍ଡ୍ରୋମ । ଏଥିରେ ଜଣେ ରୋଗୀଙ୍କର ମାନସିକ ଓ ହୃଦୟ ପ୍ରଭାବିତ ହୋଇଥାଏ । କେତେକ କ୍ଷେତ୍ରରେ ରୋଗୀ କିଛି ଜାଣିପାରେ ନାହିଁ ଓ ପାଗଳ ଭଳି ବ୍ୟବହାର କରେ ।

ଏକ ରିପୋର୍ଟ ଅନୁସାରେ ହାଇପୋଥର୍ମିଆ ଯୋଗୁଁ ଆମେରିକାରେ ପ୍ରତିବର୍ଷ ଅତି କମରେ ୧୫୦୦ ମୃତ୍ୟୁ ହେଉଛି । ବୟସାଧିକ ଲୋକ ଓ ପୁରୁଷଙ୍କୁ ଏହି ରୋଗ ସାଧାରଣତଃ ଅଧିକ ହୁଏ । ସଠିକ ସମୟରେ ହାଇପୋଥର୍ମିଆକୁ ଜାଣି ତାହାର ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀର ଜୀବନ ଯିବାର ଆଶଙ୍କା ମଧ ରହିଥାଏ । ହାଇପୋଥର୍ମିଆ ଶବ୍ଦ ଗ୍ରୀସ ଭାଷାରୁ ଆସିଛି । ଯାହାର ଅର୍ଥ ଶରୀର ଅଭ୍ୟନ୍ତରର ଉତ୍ତାପ ୩୫.୦ ଡିଗ୍ରୀ ସେଲସିୟସରୁ କମ ହେବା । ଏହାର ଲକ୍ଷଣ ତାପମାତ୍ରା ଉପରେ ନିର୍ଭର କରେ । ତିନି ପ୍ରକାରର ହୋଇପୋଥର୍ମିଆ ରହିଥାଏ । ସାମାନ୍ୟ ହାଇପୋଥର୍ମିଆ ହୋଇଥିଲେ କମ୍ପନ ଓ ଏନଜାଇଟି ଦେଖାଯାଏ । ମଧ୍ୟମ ହାଇପୋଥର୍ମିଆ ହେଲେ କମ୍ପ ବନ୍ଦ ହୋଇଯାଏ ଓ ଏନଜାଇଟି ବୃଦ୍ଧି ପାଏ । ସାଙ୍ଘାତିକ ହାଇପୋଥର୍ମିଆ ହେଲେ ପାରାଡ଼କ୍ସିକାଲ ଅନଡ୍ରେସିଙ୍ଗ ହୁଏ । ଅର୍ଥାତ ଜଣେ ନିଜ ମାନସିକ ସ୍ଥିତି ହରାଇ ବସେ । ଏହିଭଳି ପରିସ୍ଥିତିରେ ରୋଗୀ ନିଜ ଲୁଗା ଫିଙ୍ଗି ଦିଏ ଓ ଅତ୍ୟଧିକ ବ୍ୟଗ୍ର ହେତୁ ହୃଦସ୍ପନ୍ଦନ ଧୀର ହୋଇଯାଏ ।

ହାଇପୋଥର୍ମକିଆ ରୋଗର ଦୁଇଟି ମୁଖ୍ୟ କାରଣ ଥାଏ । ସ୍ୱାଭାବିକ ଭାବରେ ଅତ୍ୟଧିକ ଥଣ୍ଡା ସଂସ୍ପର୍ଶରେ ଆସିଲେ ଏହି ରୋଗ ହୁଏ । କୌଣସି କାରଣ ବଶତଃ ଦେହର ଉତ୍ତାପ ସୃଷ୍ଟି କମିଗଲେ ବା ଉତ୍ତାପ କ୍ଷୟ ହେଲେ ମଧ ଏହା ହୁଏ । ଅନ୍ୟାନ୍ୟ କାରଣ ମଧରେ ସାଧାରଣତଃ ଅତ୍ୟଧିକ ମଦନିଶା, ବୟସାଧିକ୍ୟ, ଅରୁଚି ଓ କମ ରକ୍ତଶର୍କରା ଥିଲେ ମଧ ହାଇପୋଥର୍ମିଆ ହୋଇଥାଏ । ଦେହ ଉତ୍ତାପ ଥର୍ମୋରେଗୁଲେସନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ମାନରେ ସ୍ଥିର ରହେ । ଦେହ ଉତ୍ତାପ ବଢ଼ାଇବା ନିମନ୍ତେ କମ୍ପ, ଅଧିକ ସ୍ୱେଚ୍ଛାକୃତ କର୍ମ କରିବା ଓ ଉଷୁମ ଲୁଗା ଘୋଡ଼ାଇ ହେବା ଆବଶ୍ୟକତା ହୋଇଥାଏ । ରୋଗୀର ଲକ୍ଷଣ ଓ ଅବସ୍ଥା ଦେଖି ବା ଦେହର ଆଭ୍ୟନ୍ତରୀଣ ଉତ୍ତାପ ମାପି ହାଇପୋଥର୍ମିଆ ରୋଗ ନିର୍ଣ୍ଣୟ କରାଯାଏ ।

ଲକ୍ଷଣ : ମାନସିକ ଚାପ ଓ ଅସ୍ଥିରତା କାରଣରୁ ରୋଗୀ ଅଧିକରୁ ଅଧିକ ସମୟ ଅନ୍ଧକାରରେ କାଟିବାକୁ ପସନ୍ଦ କରେ । ପରିବାର ଓ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା ବନ୍ଦ କରିଦିଏ । ଏକ ପ୍ରକାରର ଅବସାଦକୁ ରୋଗୀ ଚାଲିଯାଏ । ଯଦି କେହି ରୋଗୀଙ୍କ ସହ କଥା ହେବାକୁ ଚେଷ୍ଟା କରିଥାନ୍ତି, ରୋଗୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତତି । ବେଳେ ଅତ୍ୟଧିକ ରାଗି ରୋଗୀ ଜିନିଷପତ୍ର ଫୋପାଡା ଫିଙ୍ଗା କରିଥାନ୍ତି । ହାଇପୋଥର୍ମିଆ ହୋଇଥିଲେ ରୋଗୀ ଅଧିକ ଖାଦ୍ୟ ଖାଇଥାନ୍ତି । ଅନ୍ୟପକ୍ଷରେ କେତେକ ରୋଗୀ ଖାଦ୍ୟ ଖାଇବା ଛାଡ଼ି ଦେଇଥାନ୍ତି । ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଅଚାନକ ଅବନତି ଘଟିଥାଏ । କୌଣସି ସ୍ଥାନରେ ବସିବା ସମୟରେ ରୋଗୀ ଆଖି ବନ୍ଦ କରି ବସିବାକୁ ପସନ୍ଦ କରିଥାନ୍ତି । ଏହିପରି ନକରିବାକୁ ବାରଣ କଲେ, ରୋଗୀ ବିରକ୍ତି ପ୍ରକାଶ କରେ । କେତେକ କ୍ଷେତ୍ରରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ପାଇଯାଏ ଓ ରକ୍ତଚାପ ଦେଖାଯାଏ ।

ଉପଚାର : ଉଷୁମ ପାନୀୟ, ଗରମ କପଡ଼ା ଓ ଶାରୀରିକ କାର୍ଯ୍ୟ କରିବା ଏହି ରୋଗର ଉତ୍ତମ ଉପଚାର । ମଧ୍ୟମ ହାଇପୋଥର୍ମିଆ ଥିଲେ ରୋଗୀକୁ ଉଷୁମ କମ୍ବଳ ଘୋଡେଇ ଗରମ ତେଲ ମାଲିସ କରାଯାଏ । ମଧ୍ୟମ ଓ ସାଙ୍ଘାତିକ ହୋଇଥିଲେ ଏକ୍ସଟ୍ରାକର୍ପୋରିଆଲ ମେମ୍ବ୍ରେନ ଅକ୍ସିଜେନେସନ କିମ୍ବା କାର୍ଡ଼ିଓପଲମୋନାରୀ ବାଇପାସ ଚିକିତ୍ସା ଉପକାରୀ ହୁଏ । ରୋଗୀ ହୃଦସ୍ପନ୍ଦନ ଧୀର ହୋଇଗଲେ ଉପରୋକ୍ତ ଉପଚାର ସହିତ କାର୍ଡ଼ିଓପଲମୋନାରୀ ରସସିଟେସନ କରାଯାଏ । ଏହି ବ୍ୟବସ୍ଥାକୁ ୩୨୦ ଡିଗ୍ରୀ ସେଲସିୟସ ଉତ୍ତାପ ବଢ଼ିବା ପର୍ଯ୍ୟନ୍ତ ଚାଲୁରହେ । ଯଦି ଏହି ଉପଚାର ଦ୍ୱାରା କିଛି ଉନ୍ନତି ନ ହୁଏ ବା ରକ୍ତ ପଟାସିଅମ ୧୨ ମି.ମୋଲ/ଲିଟରରୁ ଅଧିକ ରହେ ତେବେ ରିସସିଟେସନ ବନ୍ଦ କରିଦିଆଯାଏ । ଏ କ୍ଷେତ୍ରରେ ଡାକ୍ତରୀ ପରାମର୍ଶରେ ଚିକିତ୍ସା କରିବା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ।

ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର, ଦୂରଭାଷ : ୮୨୮୦୧୨୭୯୧୦

## ସଦଭାବନା ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ

କଳାହାଣ୍ଡି /(ମହାଭାରତ ):କଳାହାଣ୍ଡି ଜିଲ୍ଲା କଳମପୁର ସ୍ଥିତ ନେତାଜୀ ସେବା ସଂଗଠନ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଡ. ଭୀମରାଓ ଆମ୍ବେଦକର ଷ୍ଟେଚ୍ୟୁ ପରିସର ଠାରେ ଭାରତରତ୍ନ ଡ. ଆମ୍ବେଦକରଙ୍କ ପୁଣ୍ୟତିଥି ସମାରୋହ ସହ ସଦଭାବନା ସମାବେଶ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ନିରୀକ୍ଷକ ମୋହନ ସୁନ୍ଦର ପଣ୍ଡା ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କଳମପୁର ଗୋଷ୍ଠୀ ଉଭୟନ ଅଧିକାରୀ ବିଜୟ କୁମାର ମାଡାଙ୍ଗି, ସମ୍ମାନୀତ ଅତିଥି ଭାବେ ଗଙ୍ଗାଧର ମାଝୀ, ବିଇଓ ମଧୁସ୍ମିତା ନାଏକ, ସିଡିପିଓ ନିର୍ବାସିନୀ ଦେଇ, ଶିକ୍ଷାବିତ ବସନ୍ତ ନାଏକ, ସତ୍ୟନାରାୟଣ ରାଜପୁତ, ସମାଜସେବୀ ଉଛବ ଚରଣ ସାହୁ, ଚତୁର୍ଭୁଜ ପଣ୍ଡା, ଘନଶ୍ୟାମ ନାଏକ, ମହେନ୍ଦ୍ରନାଥ ସାହୁ, ଯୁବକବି ରଜତ ବଂଶଲ, ଥାନା ଅଧିକାରୀ ଶେଖର ଚରଣ ଜେନା, ରାଜେଶ ଶର୍ମା, ପ୍ରିୟା ରାଜଗୁରୁ ପ୍ରମୁଖ ଯୋଗଦାନ କରି ବାବାସାହେବଙ୍କ ତ୍ୟାଗପୁତ ଜୀବନୀ ଉପରେ ଆଲୋକପାତ କରିବା ସହ ଶୋଷଣମୁକ୍ତ ସମାଜ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ମାଝୀ ସଂଯୋଜନା କରିଥିବା ବେଳେ ଶଙ୍କର ପ୍ରସାଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନ ସଭାପତି ସଂଜୀବ କୁମାର ଠାକୁର ଲକ୍ଷ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଯୁବ ସଂଗଠକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିଥିବା ବେଳେ କୋଷାଧକ୍ଷ ଲଳିତ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଳମପୁର ଏବଂ ଆଖପାଖ ଅଞ୍ଚଳର ୩୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ, ବିଧବା ଓ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଗଠନ ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି, ସଦସ୍ୟ ବେଦପ୍ରକାଶ ପଣ୍ଡା, ଗିରିଶ୍ୱେର ସାହୁ, ଇଶ୍ୱରୀ ରାଜପୁତ, କୈଳାସ ଚନ୍ଦ୍ର ସାହୁ, ଦୈତାରି ବାରିକ, ଶିବାଜୀ ଚିନ୍ଦା, ବିବେକାନନ୍ଦ ରଣା, ମୂରଲୀଧର ସାହୁ, ମୁକୁନ୍ଦ ଟେଣ୍ଡକାରୀ, ଦୁଷ୍ମନ୍ତ ଛତ୍ରିଆ, ହରେକୃଷ୍ଣ ସାହୁ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ପ୍ରମୁଖ ସହଯୋଗ କରିଥିଲେ ।

## ବର୍ଷେ ହେଲା ସିନ୍ଦୁରିଆ ସମିତି ସଭ୍ୟ ପଦ ଖାଲି

# ସମିତି ସଭ୍ୟ ପଦରୁ ଇସ୍ତଫା ଦେଇ ତହସିଲରେ ପିଅନ ଚାକିରି କରୁଛନ୍ତି



ନୟାଗଡ଼, ( ମହାଭାରତ ) : ବର୍ଷେ ହେଲା ନୟାଗଡ଼ ବ୍ଲକ୍ ସିନ୍ଦୁରିଆ ପଞ୍ଚାୟତ ସମିତିସଭ୍ୟ ପଦ ଖାଲି ରହିଛି । ଗତ ପଞ୍ଚାୟତ ନିର୍ବାଚନରେ ଭଲ ବ୍ୟବଧାନ ଭୋଟ୍ରେ ନିର୍ବାଚିତ ହୋଇଥିବା ଜ୍ୟୋତ୍ସ୍ନାରାଣୀ ସାହୁ ହଠାତ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଏକ ଘରୋଇ ସଂସ୍ଥା ଅଧୀନରେ ସେ ତହସିଲ କାର୍ଯ୍ୟାଳୟରେ ପିଅନ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି । ଏହାକୁ ନେଇ ସବୁ ମହଲରେ ଜୋର୍ଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ପ୍ରକୃତରେ ଅର୍ଥ ଅଭାବ ନା କୌଣସି ରାଜନୈତିକ ଚାପ ଯୋଗୁ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି, ଜଣାପଡୁ ନାହିଁ । ଅନ୍ୟପଟେ ବର୍ଷେ ହେଲା ଏହି ସ୍ଥାନରେ କାହିଁକି ନିର୍ବାଚନ କରାଯାଉ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି । ମିଳିଥିବା ସୂଚନା ମୁତାବକ, ଜ୍ୟୋତ୍ସ୍ନାରାଣୀଙ୍କ ସ୍ୱାମୀ ନାରାୟଣ ସାହୁ ସ୍ଥାନୀୟ ଅ□ଳରେ ବେଶ୍ ଜଣାଶୁଣା ବ୍ୟକ୍ତିତ୍ୱ ଦୀର୍ଘ ବର୍ଷ ଧରି ସେ ପିଲାମାନଙ୍କୁ ଟ୍ୟୁସନ କରୁଥିବା ଜଣାପଡ଼ିଛି । ୨୦୧୨ରେ ସେ ବିଜେଡି ସମର୍ଥନରେ ସମିତିସଭ୍ୟ ଭାବେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ । ୨୦୧୭ରେ ତାଙ୍କୁ ଦଳ ସମର୍ଥନ ନ କରିବାରୁ ସେ ନିର୍ବାଚନ ଲଢ଼ିନଥିଲେ । ୨୦୨୨ରେ ପୁଣି ଥରେ ସେ ପଞ୍ଚାୟତ ନିର୍ବାଚନରେ ଭାଗ ନେଇଥିଲେ । ମାତ୍ର ଯେହେତୁ ଏଥର ସମିତିସଭ୍ୟ ପଦଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା, ସେଥିପାଇଁ ସେ ବିଜେଡି ସମର୍ଥନରେ ଜ୍ୟୋତ୍ସ୍ନାରାଣୀଙ୍କୁ ପ୍ରାର୍ଥୀ କରାଇଥିଲେ । ଏହି ନିର୍ବାଚନରେ ଭଲ ଭୋଟ୍ ବ୍ୟବଧାନରେ ସେ ନିର୍ବାଚିତ ହୋଇଥିଲେ । ତହସିଲ କାର୍ଯ୍ୟାଳୟରେ ଜଣେ ପିଅନଙ୍କ ଆବଶ୍ୟକ ଥିବା ଦର୍ଶାଇ ଏକ ଘରୋଇ ସଂସ୍ଥା ପକ୍ଷରୁ ନିଯୁକ୍ତି ବିଜ୍ଞାପନ ଦିଆଯାଇଥିଲା । ନିୟମ ଅନୁଯାୟୀ, ଏହି ପଦବିରେ ଚାକିରି କରିବାକୁ ହେଲେ ନିଜ ପଦରୁ ଇସ୍ତଫା ଦେବାକୁ ପଡ଼ିବ । ଏଣୁ ସେ ପା□ ବର୍ଷ ସମ୍ପୂର୍ଣ୍ଣ କରିବା ପୂର୍ବରୁ ସେ ଚଳିତ ବର୍ଷ ଜାନୁଆରିରୁ ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ଏନେଇ ଜ୍ୟୋତ୍ସ୍ନାରାଣୀଙ୍କ ସ୍ୱାମୀ ନାରାୟଣ କୁହନ୍ତି, ୧୯୯୩ ମସିହାରୁ ସେ ଟ୍ୟୁସନ କରି ପରିବାର ଚଳାଉଛନ୍ତି । ଯେହେତୁ ପଞ୍ଚାୟତବାସୀଙ୍କ ସହ ଭଲ ସମ୍ପର୍କ ଥିଲା, ସେଥିପାଇଁ ସେ ୨୦୧୨ ଓ ଜ୍ୟୋତ୍ସ୍ନାରାଣୀ ୨୦୨୨ରେ ନିର୍ବାଚିତ ହୋଇଥିଲେ । ମାତ୍ର କେବଳ ଟ୍ୟୁସନ କରି ପରିବାର ଚଳାଇବା କଷ୍ଟକର ହେଲାୟ ସେଥିପାଇଁ ଜ୍ୟୋତ୍ସ୍ନାରାଣୀ ଏମିତି ନିଷ୍ପତି ନେଇଛନ୍ତି । ମାତ୍ର ଏବେ ବି ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ସମସ୍ତ ପଦକ୍ଷେପ ନିଆଯାଉଛି । କୌଣସି ରାଜନୈତିକ ଚାପ ଯୋଗୁ ନୁହେଁ, ନିଜ ଇଚ୍ଛା ଅନୁସାରେ ସେ ଏହି ଚାକିରି କରିଥିବା ନାରାୟଣ କହିଛନ୍ତି । ନୟାଗଡ଼ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମଲୋଚନ ସାହୁ କହିଛନ୍ତି, ସେ ଇସ୍ତଫା ଦେବା ପରେ ଚାକିରି କରିଛନ୍ତି । ଏନେଇ ସେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି । ଜିଲ୍ଲାପାଳ ମଧ୍ୟ ନିର୍ବାଚନ କମିସନରଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି । ଏଣୁ ସେମାନେ ଯାହା ନିଷ୍ପତ୍ତି ନେବେ ଅନ୍ୟପଟେ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାସ କୁହନ୍ତି ଯେ, ବର୍ଷେ ହେଲା ଏହି ପଦବିରେ ନିର୍ବାଚନ କରାଯାଇନାହିଁ । ଯେହେତୁ ସେତେବେଳେ ବିଜେଡି ସରକାର ଥିଲା, ଏଣୁ ଚାପ ପକାଇ ଏହି ଘଟଣାକୁ ଲୁଚାଇ ରଖାଯାଇଛି । ଏଣୁ ତୁରନ୍ତ ସମିତିସଭ୍ୟ ପାଇଁ ନିର୍ବାଚନ କରିବାକୁ ସେ ଦାବି କରିଛନ୍ତି ।

## ଚରମ ସୀମା ବାହାରେ ବନବିଭାଗ

# ବାଘ ମାରିଥିବା କଥା ସ୍ୱୀକାର କରିବାକୁ ଦେଲେ ଇଲେକ୍ଟ୍ରି ସକ

ଖଡ଼ିଆଳ:(ମହାଭାରତ) ନୂଆପଡା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ନାମରେ ଆଣିଛନ୍ତି ଏକ ନିର୍ଯ୍ୟାତନା ଅଭିଯୋଗ । ବାଘ ମାରିବା ନେଇ ମିଛ ଅଭିଯୋଗ ସହ ସେମାନଙ୍କୁ ଶାରୀରିକ ନିର୍ଯାତନା ଦିଆ ଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀ କରି ଅଭିଯୋଗ କରିଛନ୍ତି ଖଡ଼ିଆଳ ଥାନା ଅନ୍ତର୍ଗତ ଦାବ୍ରୀ ଗ୍ରାମର ପାଞ୍ଚ□ ଜଣ ନିରୀହ ଆଦିବାସୀ । ସେମାନେ ହେଲେ ଟିକଚନ ମାଝୀ, ଜୟରାମ ମାଝୀ, ଗୋରେଖ ଲାଲ ମାଝୀ, ପୂର୍ଣ୍ଣ ମାଝୀ ଓ ସଚିନ୍ଦ୍ର ମାଝୀ । ଅଭିଯୋଗ କାରି ମାନଙ୍କ କହିବା ଅନୁସାରେ ଗତ ତାରିଖ ୦୬/୧୦/୨୪ ଦିନ ଖଡ଼ିଆଳ ବନଖଣ୍ଡ ର କୋଡ଼ିଏ ରୁ ପଚିଶ ଜଣ ବନ କର୍ମଚାରୀ ଦାବ୍ରି ଗ୍ରାମ ଯାଇ ସେମାନଙ୍କ ଘରର ତାଲା ଭାଙ୍ଗି ତାଙ୍କର ଚଳିଚଳଣି ଜିନିଷ ପତ୍ର ଫିଙ୍ଗିବା ସହ ଉଭୟ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ନିର୍ଯାତନା ଦେଇଥିଲେୟ ପରେ ପୂର୍ଣ୍ଣ ଓ ଜୟରାମଙ୍କୁ ଖଡ଼ିଆଳ ଆଣି ବନଖଣ୍ଡ ହାଜତରେ ରଖି ଶାରୀରିକ ନିର୍ଯାତନା ଦେଇଥିଲେୟ ପୂର୍ଣ୍ଣ ମାଝୀ ନାମକ ବ୍ୟକ୍ତିଙ୍କୁ ବାଘ ମାରିଥିବା ଘଟଣା କୁ ସ୍ୱୀକାର କରାଇବା ପାଇଁ ପାଞ୍ଚ ଛଅ ଥର ବିଦ୍ୟୁତ ସକ ଦେବାରୁ ସେ ଚେତାଶୂନ୍ୟ ହୋଇ ଯାଇଥିଲେ। ପରେ ତାଙ୍କୁ ଛାଡି ଜୟରାମଙ୍କୁ ନିସ୍ତୁକ ମାଡ ମାରିବାସହ ତାଙ୍କ ସହିତ ଗାଁ କୁ ଯାଇ ଅନ୍ୟ ଆଉ ତିନି ଜଣଙ୍କୁ ଘରୁ ଉଠାଇ ଆଣିଥିବା ନିର୍ଯ୍ୟାତନା ହୋଇଥିବା ବ୍ୟକ୍ତି ମାନେ ଅଭିଯୋଗ କରିଛନ୍ତି । ସେମାନଙ୍କ ମଧ୍ୟରୁ ୬୫ ବର୍ଷର ବୃଦ୍ଧ ଗୋରେକ୍ ଲାଲ ମାଝୀଙ୍କ ଦୁଇ ହାତ ପଛପଟେ ବାନ୍ଧିବା ସହ ଆଖିରେ ଗାମୁଛା ବାନ୍ଧି ନିସ୍ତୁକ ମାଡ ମାରିବା ସହ ତାଙ୍କୁ ମଧ୍ୟ ତିନିଥର ବିଦ୍ୟୁ ସକ୍ ଦେଇଥିବା ଅଭିଯୋଗ ହୋଇଛି । ଗୋରେକ୍ ଲାଲ ମାଝୀଙ୍କ ଛଳଛଳ ଅଶ୍ରୁପୂର୍ଣ ଆଖି ଓ କୋହଭରା ହୃଦୟରେ ଗୋଟି ଗୋଟି କରି ବଖାଣି ଆଣୁଥିଲେ ତାଙ୍କୁ ଦିଆଯାଇଥିବା ନିର୍ଯ୍ୟାତନା ସମୟର ଦୁଖଦଃ କାହାଣୀ । ଅନ୍ୟପଟେ ଟିକଚନ ମାଝୀଙ୍କୁ ଉଲଗ୍ନ କରି ବାଘ ମାରିଥିବା ମାନିଯିବାକୁ ବାଧ କରିଥିଲେ ଓ ନ ମାନିଲେ ଉଠାଇ ଥିବା ଉଲଗ୍ନ ଫଟୋ ଭାଇରାଲ୍ କରିଦେବେ ବୋଲି ବନ କର୍ମଚାରୀ ମାନେ ଧମକ ଦେବାସହ ତାଙ୍କୁ ଛୁରି ରେ ମାରି ଦେବାର ଧମକ, ଏସବୁ ଘଟଣା କାହାକୁ କହିଲେ ଜେଲ ଭିତରୁ ବାହାରି ପାରିବନି ବୋଲି ମଧ ବନ ଅଧିକାରୀ କହିଥିବା ସେ ଅଭିଯୋଗ କରିଛନ୍ତି ଓ ସାମ୍ବାଦିକ ସମ୍ମିଳନୀ ରେ କହିଛନ୍ତି । ପରେ ୧୮ ତାରିଖ ଦିନ ସେମାନଙ୍କୁ ଜେଲ ପଠାଇ ଦିଆ ଯାଇଥିଲା ଓ ଓଡ଼ିଶା ଉଚ୍ଚନ୍ୟାୟାଳୟ ଙ୍କ ନିର୍ଦ୍ଦେଶ କ୍ରମେ ତାରିଖ ୦୪/୧୨/୨୪ ଦିନ ଜାମିନ ମଞ୍ଜୁର ହୋଇ ଜାମିନ ରେ ସେମାନେ ଆସିଛନ୍ତି । ନିର୍ଯ୍ୟାତିତଙ୍କ ମଧ୍ୟରେ ପୂର୍ଣ୍ଣ ମାଝୀଙ୍କୁ ଜେଲ ରେ ଚିକିତ୍ସା ସହ ଭଲ ନହେବାରୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିବା ଜଣା ପଡ଼ିଛି।ଏନେଇ ଅଭିଯୋଗକାରୀ ମାନେ ନ୍ୟାୟ ଭିକ୍ଷା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ପୋଲିସ ମହା ନିର୍ଦ୍ଦେଶକ ଓ ଜଙ୍ଗଲ ସଂରକ୍ଷକ ଓଡ଼ିଶା ଆଦିକୁ ଜଣାଇବା ପରେ ଖଡ଼ିଆଳ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି ଓ ଓକିଲ ଯୁଧିଷ୍ଠିର ମେହେରଙ୍କ ଜରିଆରେ ଏକ ସାମ୍ବାଦିକ ସମ୍ମିଳନୀ କରି ତଦନ୍ତ କରିବାସହ ନିର୍ଯ୍ୟାତନା ଦେଇଥିବା ବନ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା , ଦୁଇ ଯୁବକ ଗୁରୁତର

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା - ଭୀମକୁଣ୍ଡ ରାସ୍ତାର ଖଜୁରିଆ ଜଙ୍ଗଲ ବାଙ୍କ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ପଡ଼ିଯାଇ ଗୁରୁତର ଆହାତ ହୋଇ ପଡିଥିଲେୟ ସେହି ରାସ୍ତା ଦେଇ ଯାଉଥିବା ଦୁଇ ଶିକ୍ଷକ ଉଧାର ତାଂକୁ କରି ଆଣି ଠାକୁରମୁଣ୍ଡା ମେଡିକାଲ ର ଭର୍ତ୍ତି କରି ଥିବା ଜଣାପଡିଛି। ଘଟଣା ରୁ ପ୍ରକାଶ ଯେ ଆଜି ଅପରାହ୍ନ ରେ ଖଣ୍ଡବନ୍ଧ ପଞ୍ଚାୟତ ଟିକପଡା ଗାଁର ବାଦଲ ନାଏକ (୨୬) କେନ୍ଦୁଝର ଜିଲ୍ଲା ଶୁଆକାଠି ଅଞ୍ଚଳର ଚନ୍ଦନ ନାଏକ ଦୁଇ ଯୁବକ କୋଣସି କାମରେ ଠାକୁରମୁଣ୍ଡା ବଜାର କୁ ଆସୁଥିବା ସମୟ ରେ ଭାରସାମ୍ୟ ହରାଇ ପଡ଼ିଯାଇ ଗୁରୁତର ଆହାତ ହୋଇଥିଲେ, ଠାକୁରମୁଣ୍ଡା ମେଡିକାଲ ରେ ପ୍ରାଥମିକ ଚିକିତ୍ସା ପରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରିଥିବା ଜଣାପଡିଛି।

## ଆସିକାରେ ଖୋଲିଲା ବହୁତଳ ବିଶିଷ୍ଟ କଶମୋ ବଜ଼ାର



ଆସିକା(ମହାଭାରତ): ଏ.ଜିଏସ.ରିଟେଲର୍ସ ଇଣ୍ଡିଆ ଲିମିଟଡ଼ ବମ୍ୱେ ଆନୁକୂଲ୍ୟରେ ବହୁତଳ ବିଶିଷ୍ଟ ଅତ୍ୟାଧୁନିକ କସମୋ ବଜ଼ାର ଆସନ୍ତାକାଲି ଅର୍ଥାତ ୦୬/୧୨/୨୪ ରେ ଉଦଘାଟନ ହେବା।ଏହି ଅବସରରେ ଆଜି କସମୋ ବଜାର ନୂତନ କୋଠା ଠାରେ କସମୋ ବଜ଼ାର ବ୍ୟବସାୟ ସମ୍ବନ୍ଧିୟ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରିଛନ୍ତି। ଏହି କସମୋ ବଜ଼ାର ଭାରତର ୫ଟି ରାଜ୍ୟ ଯଥା ଓଡିଶା, ଝାଡ଼ଖଣ୍ଡ, ପଶ୍ଚିମ ବଙ୍ଗ, ବିହାର ଆସାମ ରେ ୫୭ଟି ଶାଖା ଓ ଓଡ଼ିଶାରେ ୯ଟି ଶାଖା ତଥା ଆସିକାରେ ୧୦ମ ଶାଖା ଖୋଲିଛି। ବ୍ରହ୍ମପୁର ଭଳି ଆସିକାରେ ମଧ ସମସ୍ତ ଜିନିଷ ସୁଲଭ ମୂଲ୍ୟରେ ବିକ୍ରି ପାଇଁ ବାଇ ୱାନ ଗେଟ ୱାନ, ଲକି ଡ୍ର ସାଙ୍ଗକୁ ୧୪ଦିନ ମଧ୍ୟରେ ବିକ୍ରି ଯିନିଶ ଫେରସ୍ତ କରିବା ଭଳି ବ୍ୟବସ୍ଥା ରହିଛି। ମହିଳା, ପୁରୁଷ ସାଙ୍ଗକୁ ଶିଶୁ ମାନଙ୍କ ପାଇଁ ଡ୍ରେସ, ଗୃହ ଉପକରଣ ସୁଲଭ ମୂଲ୍ୟରେ ପ୍ରଦାନ ପାଇଁ ସାମ୍ବାଦିକ ସମ୍ମିଳନୀ ତଥ୍ୟ ପ୍ରଦାନ କରିଥିଲେ।

## ପାରଦୀପ ବନ୍ଦର ପକ୍ଷରୁ ଡ.ବି.ଆର.ଆମ୍ବେଦକରଙ୍କ ୬୮ତମ ମହାପରିନିର୍ବାଣ ଦିବସ ପାଳିତ



ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ପକ୍ଷରୁ ଭାରତରତ୍ନ ଡ. ବି.ଆର.ଆମ୍ବେଦକରଙ୍କ ପବିତ୍ର ୬୮ତମ ଶ୍ରାଦ୍ଧ ଦିବସ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି । ମଧୁବନସ୍ଥିତ ଆମ୍ବେଦକର ପାର୍କ ପରିସରରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ । ଦେଶରେ ସମାନତା, ନ୍ୟାୟ ପ୍ରଦାନ କ୍ଷେତ୍ରରେ ବାବା ସାହେବଙ୍କ ଦୂରଦୃଷ୍ଟି, ଅଭିଜ୍ଞତା ବର୍ଣ୍ଣନା କରିଥିଲେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ । ଏହି ଅବସରରେ ଆୟୋଜିତ ସମାରୋହରେ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା, ସିଏମଇ ସୁଶିଲ କୁମାର ନାହାକ, ନିର୍ବାହୀ ଯନ୍ତ୍ରୀ ଗଙ୍ଗାଧର ସେଠୀ, ଏସସି,ଏସଟି କର୍ମ

## ଶିକ୍ଷା ବର୍ଷ ଶେଷ ହେବାକୁ ବସିଥିବା ବେଳେ ସରୁନି ପୋଷାକ ବଂଟନ

ବରୀ,(ମହାଭାରତ):ଶିକ୍ଷା ବର୍ଷ ଶେଷ ହେବାକୁ ବସିଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କୁ ପୋଷାକ ବଂଟନ କରା ନଯିବା ଘଟଣା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଥାଉକି ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟକୁ ପ୍ରବେଶ କରିବା ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ରଙ୍ଗର ପୋଷାକ ପରିଧାନ କରି ପ୍ରବେଶ କରିବା ସରକାରୀ ସ୍ତରରେ ନିୟମ କରାଯାଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ର ଛାତ୍ରୀ ଯେଉଁ ବର୍ଗର ହୁଅନ୍ତୁ ନା କାହିଁକି ସେମାନେ ବିଦ୍ୟାଳୟ ପରିସରକୁ ଏହି ପୋଷାକ ପରିଧାନ କରି ଗଲେ ସେମାନଙ୍କ ମଧ୍ୟରେ କୌଣସି ଭେଦ ଭାବ ପରିଲକ୍ଷିତ ହେବ ନାହିଁ। ମାତ୍ର ବରୀ ଶିକ୍ଷା ମଣ୍ଡଳ ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟରେ ପୋଷାକ ବଂଟନ ହୋଇ ନଥିବାରୁ ଛାତ୍ର ଛାତ୍ରୀ ମାନେ ପୁରୁଣା ଛିଣ୍ଡା ଫଟା ପୋଷାକ ପିନ୍ଧି ବିଦ୍ୟାଳୟ ଆସୁଛନ୍ତି। ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଯୋଗ୍ୟ ବରୀ ଶିକ୍ଷା ମଣ୍ଡଳ ଅଧିନରେ ମୋଟ ୧୮୨ ଗୋଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ପୋଷାକ ବଂଟନ କରାଯିବାର ବ୍ୟବସ୍ଥା ଥିଲେ ମଧ ଆଜି ପର୍ଯ୍ୟନ୍ତ ସେଥି ମଧ୍ୟରୁ ୭୦ ଗୋଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ପୋଷାକ ବଂଟନ କରାଯାଇଛି ବୋଲି ବରୀ ଶିକ୍ଷା ମଣ୍ଡଳ ଅଧିନର ଅତିରିକ୍ତ ଶିକ୍ଷା ଅଧିକାରୀ ଜଳଧାର ଖଟୁଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେଣୁ ଶିକ୍ଷା ବର୍ଷ ଶେଷ ହେବାକୁ ବସିଥିବା ବେଳେ ଅନ୍ୟ ବିଦ୍ୟାଳୟ ଗୁଡିକରେ ପୋଷାକ ବଂଟନ କରାନଯିବା ଘଟଣା ନେଇ ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଇଫକୋ କୋରଡେଟ୍ ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ପାଳିତ



ପାରାଦୀପ(ହାଭାରତ): କୋଅପରେଟିଭ ରୁରାଲ ଡେଭଲପମେ□ ଟ୍ରଷ୍ଟ (କୋରଡେଟ୍) ପକ୍ଷରୁ ଶୁକ୍ରବାର ଦିନ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ଇଫକୋ କୋରଡେଟ୍ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ବଡବେତରା ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗରଦପୁର ବ୍ଲକ୍ ଅଧକ୍ଷ ଅଭୟ ମହାରାଜ ଇଫକୋ କୋରଡେଟ୍ର ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। କୋରଡେଟ୍ର ଅଧକ୍ଷ କୁଳମଣି ମାଝୀ କୃଷି କ୍ଷେତ୍ରରେ ଇଫକୋ ଦ୍ୱାରା ପ୍ରସ୍ତୁତ ନାନୋ ଫର୍ଟିଲାଇଜର ଅନ୍ୟ ସାର ଅପେକ୍ଷା ଅଧିକ ଫଳପ୍ରଦ ହେଉଥିବା ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଇଫକୋର ଫିଲ୍ଡ ଅଫିସର ଅରୁନ କୁମାର ବେହେରା, ବ୍ଲକ୍ କୃଷି ଅଧିକାରୀ ଡ. ଗୌତମ ଦାସ, କୃଷି ବିଶେଷଜ୍ଞ ଅରବିନ୍ଦ ସାହୁ, ସ୍ଥାନୀୟ ସରପଂଚ ସଂଯୁକ୍ତା ମହାପାତ୍ର, କୋରଡେଟ୍ ଅଧିକାରୀ ଅଭରୋ ଦେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନାନୋ ଫର୍ଟିଲାଇଜରର ଉପଯୋଗିତା ସମ୍ପର୍କରେ କୃଷକମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଇଫକୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା । ଦୁଇଶହରୁ ଉର୍ଦ୍ଧ ଚାଷି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେମାନଙ୍କୁ ନାନୋ ୟୁରିଆ ପ୍ରଦାନ କରାଯାଇଥିଲା ।

## ଆସିକା ପୋଲିସ ପକ୍ଷରୁ ଚୋରି ଗାଡ଼ିକୁ ମାଲିକଙ୍କୁ ଜୀମା ଦେଲା



ଆସିକା (ମହାଭାରତ) ଆସିକା ପୋଲିସ ପକ୍ଷରୁ ଚୋରି ହୋଇଥିବା ନଅଟି ଗାଡ଼ିକୁ ଉଦ୍ଧାର କରି ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କଲା ଆସିକା ପୋଲିସ । ପ୍ରକାଶ ଥାଉକି ଆସିକା ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଚୋରି ମଟର ସାଇକେଲ ଆସିକା ଅଞ୍ଚଳରେ ଥିବାର ଖବର ପାଇ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସବ ଇନ୍ସପେକ୍ଟର ଅଜିତ କୁମାର ପରିଡା ଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଆସିକା ଥାନା ପକ୍ଷରୁ କେସ ନମ୍ବର ୫୧୫/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା ପୋଲିସ ତଦନ୍ତ ବେଳେ ସନ୍ଦେହରେ ତିନି ଅଭିଯୁକ୍ତ ଦାସ ନିରଜ, ଦିଗେଶ୍ୱର ସୋରି, ହରି ଆଲ୍ୟାସ ମେକେଟେସ ଙ୍କୁ ପଚରା ଉଚରା ବେଳେ ଅଭିଯୁକ୍ତ ମନେ ଆସିକା ପାକଳାପଲ୍ଲି ଏରୋଗଲାବସା ଓ ଆଇବି ବସା ଠାରେ ରଖିଥିବା ୯ ଟି ମୋଟର ସାଇକେଲ ଉଦ୍ଧାର କରିଥିଲା । ୯ ଟି ମୋଟର ସାଇକେଲ ମଧ୍ୟରେ ୩ ଟି ଗ୍ଲାମର, ୨ ଟି ୟୁନିକନ୍, ଗୋଟିଏ ପ୍ଲସର, ଗୋଟିଏ ସିଡି ଡିଲେକ୍ସ, ଗୋଟିଏ ଆପଚ, ଗୋଟିଏ ହେରୋ ସ୍ପେଣ୍ଡର ପ୍ଲସ ପୋଲିସ ଜବତ କରିଥିଲା। ପୋଲିସ ପକ୍ଷରୁ ଜବତ ଗାଡି ମାଲିକଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ଗାଡି ମାଲିକ ମାନେ ଗାଡିର ଅସଲି କାଗଜ ପତ୍ର ପୋଲିସ ପାଖରେ ପେଶ କରିଥିଲେ କାଗଜ ପତ୍ର ଯାଞ୍ଚ କରିବା ସହ ଆଜି ଗାଡ଼ି ମାଲିକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଆସିକା ପୋଲିସ ର ଏହି କାର୍ଯ୍ୟକୁ ଅ□ଳ ବାସୀ ସାଧୁବାଦ ଦେବାସହ ଚୋରି ହୋଇଥିବା ଗାଡ଼ି ଫେରି ପାଇଲା ପରେ ଗାଡ଼ି ମାଲିକ ମାନେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି।

## ବାବାସାହେବ ଙ୍କ ତିରୋଧାନ ଦିବସ ପାଳିତ

କୋକସରା,(ମହାଭାରତ): କୋକସରା ବ୍ଲକ ଲଡୁଗାଁ ଆମ୍ବେଦକର ପଡ଼ା ଠାରେ ଆମ୍ବେଦକର କ୍ଲବ ଏବଂ ଭୀମସେନା ପକ୍ଷରୁ ଭାରତ ରତ୍ନ ଡ଼ଃ ବାବାସାହେବ ଆମ୍ବେଦକର ଙ୍କ ୬୯ ତମ ମହାପରି ନିର୍ମାଣ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛିୟ ସଭା ପୂର୍ବରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। କାର୍ଯ୍ୟକ୍ରମ ରେ ମୂଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁଣନିଧି ବାଗ, ମୂଖ୍ୟ ବକ୍ତା ଭାବେ ଆମ୍ବେଦକର କ୍ଲବର ସଭାପତି ଟୁନୁ ମହାନନ୍ଦ ଏବଂ ସାବିତ୍ରୀ ବାଇ ଓ ଫତିମା ଶେଖ ମହିଳା ସଂଗଠନ ପକ୍ଷରୁ ଅନେକ ମହିଳା ନେତ୍ରୀ, ଛାତ୍ର ଛାତ୍ରୀ ଏବଂ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେୟ ଆୟୋଜିତ କାର୍ଯ୍ୟକ୍ରମରେ ଆମ୍ବେଦକରଙ୍କ ଜୀବନ ଦର୍ଶନ ଉପରେ ବକ୍ତା ମାନେ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମ ରେ କ୍ଲବର ସଦସ୍ୟ ଚିନିଲାଲ ପାଣିଗ୍ରାହୀ, ଉଦ୍ଧବ ବାଗ, ଚୁଡ଼ାମଣି ମହାନନ୍ଦ, ଧ୍ୱଜ ମହାନନ୍ଦ, ଭୁବନେଶ୍ୱର ଦୁର୍ଗା, ପିଙ୍କି ମହାନନ୍ଦ, କୁମୁଦିନୀ ପାଣିଗ୍ରାହୀ, ଜୟନ୍ତୀ ପାଣିଗ୍ରାହୀ, ନୁର ପାଣିଗ୍ରାହୀ, ସରସ୍ୱତୀ ମହାନନ୍ଦ, ଯଶୋଦା ନିଆଲ, ପଦ୍ମିନି ମହାନନ୍ଦ, ଗୀତାଞ୍ଜଳି ବାଗ, ଲତା ମହାନନ୍ଦ, ଓମ ପ୍ରକାଶ ଛତ୍ରିଆ, ମୂରଲୀଧର ପାଣିଗ୍ରାହୀ, ମହେନ୍ଦ୍ର ମହାନନ୍ଦ, ଛନ୍ଦା ଚରଣ କୁମାର, ବିକାଶ ମହାନନ୍ଦ,ଶ୍ରୀକାନ୍ତ ମହାନନ୍ଦ, ପ୍ରଧାନି ବାଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଉଦଯାପିତ ହେଲା ପ୍ରୟୋଗ ପ୍ରଶିକ୍ଷଣ ଶିବିର

ଅସ୍ତରଙ୍ଗ (ମହାଭାରତ):- ବ୍ଲକ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ପ୍ରାଥମିକ ଶିକ୍ଷକ ମାନଙ୍କ ପାଇଁ ପ୍ରୟୋଗ ନାମରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଯାଇଛି । ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀ ମିଶି ସମୁଦାୟ ୧୦୦ ଜଣ ଦୁଇଟି କେନ୍ଦ୍ର ରେ ପ୍ରଶିକ୍ଷଣ ନେଇଛନ୍ତି । ବରୟଙ୍ଗ ଉତ୍ତୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ୫୦ ଜଣ ଓ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୦ ଜଣ ପ୍ରଶିକ୍ଷଣ ନେଇଛନ୍ତି । ଏହି ପ୍ରଶିକ୍ଷଣ ଶିବିର ରେ ପ୍ରାଥମିକ ବିଦ୍ୟାଳୟ ରେ ମୌଳିକ ଭାଷା ଜ୍ଞାନ ଓ ସଂଖ୍ୟା ଜ୍ଞାନ ସମ୍ବନ୍ଧିୟ ତଥା ନିପୁଣ ଓଡିଶା ବିଷୟରେ ଶିକ୍ଷକ ମାନେ ପ୍ରଶିକ୍ଷଣ ନେଇଛନ୍ତି କ୍ଷ ସାଧନ କର୍ମୀ ରବୀନ୍ଦ୍ର କୁମାର ପରିଡା, ତ୍ରିଲୋଚନ ବେହେରା, ଦୁର୍ଯୋଧନ ନାୟକ, ଗଣେଶ ନାୟକ, ଆଲୋକ ଲେଙ୍କା, ଅଭିମନ୍ୟୁ ନାୟକ, ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି,ସେହିପରି ସୁରେନ୍ଦ୍ର ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ର ୪୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଲିଙ୍ଗ ସମାନତା ବର୍ଣ୍ଣାଳୀନାମରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି ।

## ପାରଦୀପଠାରେ ଭାରତୀୟ ତଟରକ୍ଷକ ବାହିନୀର ଅତ୍ୟାଧୁନିକ ଜାହାଜ ସହାୟତା ପ୍ରତିଷ୍ଠାନ ସ୍ଥାପିତ



ପାରାଦୀପ(ମହାଭାରତ): ଶୁକ୍ରବାର ଦିନ ପାରାଦୀପଠାରେ ବାରତୀୟ ତଟରକ୍ଷକ ବାହିନୀ ପକ୍ଷରୁ ଏକ ନୂତନ ଜାହାଜ ସହାୟତା ପ୍ରତିଷ୍ଠାନ ସ୍ଥାପିତ ହୋଇଛି । ଏହି ଅତ୍ୟାଧୁନିକ ପ୍ରତିଷ୍ଠାନରେ ତଟରକ୍ଷକ ସାମଗ୍ରୀ ଭଣ୍ଡାର, ତଟରକ୍ଷକ ଜାହାଜ ମରାମତି ଦଳ ଓ ତଟରକ୍ଷକ ଜାହାଜ ସହାୟତା ଅନୁଷ୍ଠାନ ଅର୍ନ୍ତଭୁକ୍ତ ଅଟେ । ଏହି ସହାୟତା ପ୍ରତିଷ୍ଠାନକୁ ଉ□ର ପୂର୍ବ କ୍ଷେତ୍ରୀୟ କମାଣ୍ଡର ଉଦଘାଟନ କରିଥିଲେ । ଏହି କେନ୍ଦ୍ର ସ୍ଥାପିତ ହେବା ଦ୍ୱାରା ତଟରକ୍ଷକର କାର୍ଯ୍ୟଦକ୍ଷତାକୁ ଏବଂ ଆତ୍ମନିର୍ଭରତାକୁ ଉ□ୋଳନ କରିବା ସହି ପ୍ରତିବଦ୍ଧତାକୁ ପ୍ରତିପାଦନ କରିବ । ଏହା ତଟରକ୍ଷୀ ବାହିନୀର ଜାହାଜ ପାଇଁ ମରାମତି, ରିଫିଟ୍ ଏବଂ ଦୈନିକ ସାମଗ୍ରୀର ଆବଶ୍ୟକତାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ମୁଖ୍ୟଅତିଥି ଏହି କେନ୍ଦ୍ର ସ୍ଥାପିତ ହେବା ପରେ ଉ□ର-ପୂର୍ବ ସମୁଦ୍ରତଟରେ ସାମୁଦ୍ରିକ ସୁରକ୍ଷା ଏବଂ ସୁରକ୍ଷା ବୃଦ୍ଧି ପାଇଁ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କହିଥିଲେ ।

## ଜୈବିକ ଧାନ ଚାଷ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

କପ୍ତିପଦା -(ମହାଭାରତ ): କପ୍ତିପଦା -ଓଡ଼ିଶା ବନା□ଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ ୨ ଅଧୀନ ରେ ଜୈବିକ ଧାନ ଚାଷ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କପ୍ତିପଦା ବନା□ଳରେ ଚାଷୀ ମାନଙ୍କୁ ଜୈବିକ ପଦ୍ଧତିରେ ଚାଷ ର ପ୍ରଣାଳୀ ଓ ଅମଳ କରିବା ପଦ୍ଧତି ସମ୍ବନ୍ଧରେ ତାଲିମ ପ୍ରଦାନ କରାଗଲା । ଉକ୍ତ କାର୍ଯ୍ୟକ୍ରମରେ କପ୍ତିପଦା ବନା□ଳ ଅଧିନସ୍ଥ ବିଭିନ୍ନ ବନ ସୁରକ୍ଷା ସମିତି ରୁ ୨୦ରୁ ଉର୍ଦ୍ଧ ଚାଷୀ ତାଲିମ ଗ୍ରହଣ କରିଥିଲେ । ତାଲିମ କାର୍ଯ୍ୟକ୍ରମ ରେ ପ୍ରକଳ୍ପ ପରିଚାଳନା ଏକକ ରୁ କ୍ଲଷ୍ଟର ମ୍ୟାନେଜର ଗୋରଚନ୍ଦ୍ ସ୍ୱାଇଁ , ବାରିପଦା କ୍ଷେତ୍ରୀୟ ପରିଚାଳନା ଏକକ ରୁ କୈଳାସ ଚନ୍ଦ୍ର ଦାସ,ଏମ ଏମ ଏସ ଏ ରୁ ଗୋଦାଧର ମିଶ୍ର, କପ୍ତିପଦା ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ,ବନରକ୍ଷୀ ଜୟନ୍ତୀ ପୁଷ୍ଟି ,ଲମ୍ବଧର ମହାନ୍ତ, କନକ ବାୟୋସାଇନ୍ସ ରୁ ବ୍ଲକ ସଂଯଜକ ଶିବ ପ୍ରସାଦ ଜେନା ଉପସ୍ଥିତ ରହି ଚାଷୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । କ୍ଷେତ୍ର ପରିଚାଳନା ଏକକ ରୁ ପୂର୍ଣ୍ଣିମା ମିଶ୍ର, ଅମ୍ରି କୁମାର ମହାପାତ୍ର,ଦୀପକ ସାମଲ ଓ ଅଶ୍ୱିନି ବେହେରା,ଗୌରହରି ଦାସ କାର୍ଯ୍ୟକ୍ରମ କୁ ସୂଚାରୁ ରୂପେ ପରିଚାଳିତ କରିଥିଲେ।

## ନୂଆଗାଁ ଅଞ୍ଚଳରେ ବଢୁଛି ଦୁର୍ଘଟଣା

# ନାବାଳକ, ମଦ୍ୟପ ଗାଡ଼ିଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି : ମାସକରେ ଗଲାଣି ୩ ଜୀବନ

ନୟାଗଡ଼, ( ମହାଭାରତ ) : ଖୋର୍ଦ୍ଧା- ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଏବେ ବହୁତ ବ୍ୟସ୍ତବହୁଳ ହୋଇପଡ଼ିଲାଣି । ଏହି ଜାତୀୟ ରାଜପଥ ରାସ୍ତା ବୌଦ୍ଧ, ସୋନପୁର, ବଲାଙ୍ଗୀର ଏବଂ ଫୁଲବାଣୀ ଭଳି ୪ଟି ଜିଲ୍ଲାକୁ ସଂଯୋଗ କରୁଥିବା ବେଳେ ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଦୁଇ ଚକିଆ ଠାରୁ ଆରମ୍ଭ କରି ୧୮ ଚକିଆ ପର୍ଯ୍ୟନ୍ତ ଭାରିଯାନ ଯିବାଆସିବା କରୁଛ। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବା ବେଳେ ଏହି ରାସ୍ତା ପର୍ଯ୍ୟଟକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ବ ବହନ କରିବ। ହେଲେ ପରିତାପର ବିଷୟ, ଗତ ୫ ସପ୍ତାହ ମଧ୍ୟରେ ଦୁର୍ଘଟଣାରେ ନୂଆଗାଁ ଅଞ୍ଚଳରେ ୩ଟି ମୂଲ୍ୟବାନ ଜୀବନ ଚାଲିଗଲାଣି, ଯାହାକୁ ନେଇ ପଥଚାରୀ ମାନଙ୍କ ମନରେ ଭୟ ସୃଷ୍ଟି ହୋଇଛି। ସୂଚନା ମୁତାବକ, ଗତ ମାସ ନଭେମ୍ବର ୨୦ ତାରିଖରେ ନୂଆଗାଁ ବ୍ଲକ୍ ସଦର ମହକୁମାରେ ଥିବା ମାମା ହୋଟେଲ ନିକଟରେ ଏକ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ନଭେମ୍ବର ୮ରେ ନୂଆଗାଁ ବ୍ଲକ୍ ସୋରଡ଼ା ନିକଟରେ ବସ୍ ଓଲଟି ପଡ଼ି ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା ଏବଂ ସେହିପରି ଗତମାସ ଅକ୍ଟୋବର ୧୬ରେ ସଂପଡ଼ା ମେଗା ନର୍ସରୀ ଠାରେ କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ତେବେ ଏହି ସବୁ ଦୁର୍ଘଟଣା ପରେ ଏହି ରାସ୍ତାରେ ପ୍ରତିଦିନ ଯିବାଆସିବା କରୁଥିବା ପଥଚାରୀ ମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହି ଦୁର୍ଘଟଣା ପଛରେ ଯେଉଁସବୁ କାରଣ ଗୁଡ଼ିକୁ ଦାୟୀ କରାଯାଉଛି ତାହା ହେଉଛି ବେପରୁଆ ଗାଡ଼ିଚାଳନା ଏବଂ ମଦ୍ୟପ ଗାଡ଼ିଚାଳକଙ୍କ ପ୍ରାଦୁର୍ଭାବୟ ରାଜ ରାସ୍ତାରେ ମଦ୍ୟପମାନଙ୍କୁ ଚେକିଂ କରାଯାଇ ସେମାନଙ୍କଠାରୁ ଫାଇନ୍ ଆଦାୟ କରାଯାଉଥିଲେ ସୁଦ୍ଧା ତାହା ଥମିବାର ନାଁ ଧରୁନି। ଏଥି ସହିତ ନୂଆଗାଁ ଅଞ୍ଚଳରେ ଥିବା କଲେଜକୁ ପାଠ ପଢ଼ିବାକୁ ଆସୁଥିବା ନାବାଳକ ମାନେ ବାଇକ୍ ନେଇ ଆସୁଥିବା ବେଳେ ଦୁଇ ଜଣରୁ ଅଧିକ ବାଇକ୍ରେ ବସି ଦ୍ରୁତ ଗାଡ଼ିଚାଳନା କରୁଥିବା ବିଭିନ୍ନ ସମୟରେ ନଜରକୁ ଆସୁଛି। ଏ ଘଟଣା ବାବଦରେ କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ




ସମସ୍ତେ ଅବଗତ ଅଛନ୍ତି। କିନ୍ତୁ ଯେତେବେଳେ ଏ ବାବଦରେ ଅଭିଯୋଗ ହେଉଛି, କିଛି ଦିନ କଡ଼ାକଡ଼ି ଚେକିଙ୍ଗି ଏବଂ ବ୍ଲକିଙ୍ଗି କରୁଛନ୍ତି ଏହାର ଦୁଇ ଚାରିଦିନ ପରେ ପୁଣି ଯୋଉ ଅବସ୍ଥାକୁ ସେଇଆ । ସେମାନଙ୍କୁ କେବଳ ସଚେତନ ଏବଂ ତାଗିଦ କରାଯାଉଥିବା ବେଳେ ଫାଇନ କିମ୍ବା କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯାହାଫଳରେ ଏଥିରେ ରୋକ୍ ଲାଗିପାରୁନାହିଁ। ନୂଆଗାଁ ଅଞ୍ଚଳରେ ବଢୁଥିବା ଦୁର୍ଘଟଣା ପ୍ରତି ପ୍ରଶାସନ ବିଶେଷ ଭାବେ ଦୃଷ୍ଟି ଦେବା ପାଇଁ ନୂଆଗାଁ ଅଞ୍ଚଳର ସଚେତନ ନାଗରିକମାନେ ଦାବି କରିଛନ୍ତି। ତେବେ ଏ ବାବଦରେ ନୂଆଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ, ସ୍ଥାନୀୟ ଜନସାଧାରଣ ଓ କଲେଜ କର୍ତ୍ତୃପକ୍ଷଙ୍କୁ ନେଇ ଖୁବ୍ ଶୀଘ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ଏବଂ ନୂଆଗାଁ ଅଞ୍ଚଳରେ ଦୁର୍ଘଟଣା ରୋକିବା ଦିଗରେ ବିଶେଷ ଭାବେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

## ନାଲକୋ ସିପିପି ର ପ୍ରଶାସନିକ ସ୍ତରରେ ଏନ.ଏସ.ସି.ୟୁ କୁ ସ୍ୱୀକୃତି ପତ୍ର ପ୍ରଦାନ



ଅନୁଗୋଳ,(ମହାଭାରତ):ନାଲକୋ ଭଳି ଏକ ନବରତ୍ନ ଉଦ୍ୟୋଗ ର ସିପିପି କାରଖାନା ରେ କର୍ମଚାରୀ ମାନଙ୍କର ଯେଉଁ ସଂଗଠନ ଗୁଡିକ ରହିଛି ସେମାନଙ୍କ ମଧ୍ୟରେ ହୋଇଥିବା ସ୍ୱୀକୃତି ପ୍ରାପ୍ତ ନିର୍ବାଚନ ଗତ ଅକ୍ଟୋବର ୪ ତାରିଖ ରେ ସଂଗଠିତ ହୋଇଥିଲା ,ଯେଉଁଥିରେ ନାଲକୋ ଶ୍ରମିକ କଂଗ୍ରେସ୍ ୟୁନିୟନ୍ ଷଷ୍ଠ ଥର ପାଇଁ ବିଜୟ ଲାଭ କରିଥିଲା । ସିପିପି କାରଖାନା ରେ ଶ୍ରମିକ ମାନଙ୍କ ମଧ୍ୟରେ ହୋଇଥିବା ମୋଟ ଆଠ ଥର ରେ କେବଳ ନାଲକୋ ଶ୍ରମିକ କଂଗ୍ରେସ୍ ୟୁନିୟନ୍ ଛଅ ଥର ବିଜୟ ଲାଭ କରିଛି । ଆଜି ପୂର୍ବାହ୍ନ ରେ ନାଲକୋ ସିପିପି କାରଖାନା ର ପ୍ରଶାସନିକ ବିଲ୍ଡି ସମ୍ମୁଖରେ ଏକ ଭବ୍ୟ ସଭା ରେ ନାଲକୋ ପ୍ରଶାସନ ପକ୍ଷରୁ ନାଲକୋ ଶ୍ରମିକ କଂଗ୍ରେସ୍ ୟୁନିୟନ୍ କୁ ସିକୃତୀ ପତ୍ର ପ୍ରଦାନ କରାଗଲା । ଯେଉଁଥିରେ ମୁଖ୍ୟ ଅତିଥି ଭାବେ ସିପିପି ର ଜିଜିଏମ ଅମରେନ୍ଦ୍ର କୁମାର ମିଶ୍ର ଅନ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ଶୁଭେନ୍ଦୁ ନାୟକ , ସତ୍ୟବାଦି ମିଶ୍ର ,ବିଭବ ଜେନା ,ସନ୍ତୋଷ କୁମାର ରାଉତ , ପ୍ରସନ୍ତ ସାହୁ , ହେମନ୍ତ କୁମାର ପ୍ରଧାନ , ପ୍ରମୁଖ ଉପସ୍ଥିତ ଥିଲେୟ ଯେଉଁଥିରେ ଏନ.ଏସ.ସି.ୟୁ ସିକୃତି ପତ୍ର ପ୍ରଦାନ କରାଯାଇଥିଲା । ନାଲକୋ ଭାରତ ସରକାରଙ୍କ ଏକମାତ୍ର ସରକାରୀ ଆଲୁମିନିୟମ କାରଖାନା ।ଏହା ଲକ୍ଷାଧିକ ଲୋକଙ୍କୁ ସ୍ୱାବଲମ୍ବୀ କରିପାରିଛି। ଜମିହରା ପ୍ରଜାଙ୍କୁ ନିଯୁକ୍ତି ପ୍ରଦାନ କରିଛି। ସାମାଜିକ ଦାୟିତ୍ୱବୋଧ ନିର୍ବାହ କରିଛି। ସର୍ବାଧିକ ରେକର୍ଡ ଲାଭ କରିଛି । ସେହିପରି ସର୍ବାଧିକ ରେକର୍ଡ ଉତ୍ପାଦନ ମଧ କରି ପାରିଛି ।କିନ୍ତୁ ଏହାର ଅନେକ ଅସୁବିଧା ରହିଯାଇଛି ଯାହାକୁ ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି ଏନ.ଏସ.ସି.ୟୁ ସାଧାରଣ ସମ୍ପାଦକ କହିଛନ୍ତି । କର୍ମଚାରୀଙ୍କ ନାର୍ଯ୍ୟ ଦାବି ହାସଲ, କାରଖାନାର ସୁରକ୍ଷା, ଉତ୍ପାଦନ ଓ ଉତ୍ପାଦିକତା ସହିତ ସହଭାଗିତା ବୃଦ୍ଧି ପାଇବା ଦିଗରେ କାର୍ଯ୍ୟ କରାଯିବ।

## ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ସପ୍ତାହବ୍ୟାପୀ ଏଚଆଇଭି-ଏଡ୍ସ ସଚେତନତା ଅଭିଯାନର ଶୁଭାରମ୍ଭ କରିଛି

କଳାହାଣ୍ଡି /ମହାଭାରତ:ଓଡ଼ିଶାରେ ସପ୍ତାହବ୍ୟାପୀ ସଚେତନତା ଅଭିଯାନରେ ବିଶେଷଜ୍ଞଙ୍କ ଆଲୋଚନା, ମାରାଥନ, ସମାବେଶ, ବିଶେଷ ଆଲୋଚନା ଓ ଷ୍ଟ୍ରିଟ ପ୍ଲେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଭୁବନେଶ୍ୱର, ଓଡ଼ିଶା, ଡିସେମ୍ବର ୬, ୨୪: ଭାରତର ବୃହତ ଆଲୁମିନିୟମ ଉତ୍ପାଦକ, ବେଦାନ୍ତ ଆଲୁମିନିୟମ, ବିଶ୍ୱ ଏଡ୍ସ ଦିବସରେ ଏକ ସପ୍ତାହବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ କରିଥିଲା। ଏହି ପଦକ୍ଷେପରେ ବେଦାନ୍ତ ସ୍ଥାନୀୟ ଗୋଷ୍ଠୀଭୁ ଏଚଆଇଭି ଉପରେ ସଚେତନ ପାଇଁ ଉପଯୁକ୍ତ ମାର୍ଗ ଅନୁସରଣ କର: ମୋର ସ୍ୱାସ୍ଥ୍ୟ ମୋର ଅଧିକାର ବିଷୟ ଉପରେ ବାର୍ତ୍ତା ଦେଇଥିଲା। ଉକ୍ତ ଅଭିଯାନରେ ବେଦାନ୍ତ ଝାରସୁଗୁଡ଼ା, ଲାଞ୍ଜିଗଡ଼ ଓ ଏହାର ଖଣି ଥିବା ସ୍ଥାନରେ ୧୧,୪୦୦ରୁ ଅଧିକ ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସଚେତନତା ଅଧିବେଶନ,ରାଲି, ନୁକଡ ନାଟକ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ଜରୀଆରେ ଏହି ଅଭିଯାନରେ ଛାତ୍ରଛାତ୍ରୀ, ଟ୍ରକ ଡ୍ରାଇଭର, ପୋଲିସ କର୍ମଚାରୀ ଓ ସ୍ଥାନୀୟ ଲୋକମାନଙ୍କ ନିକଟରେ ପହଂଚିଥିଲା।ଲୋକମାନଙ୍କୁ ଏଚଆଇଭି-ଏଡସ ସଂପର୍କରେ ବୁଝାଇବା ସହିତ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶ ଦିଆଯାଇଥିଲା। ଝାରସୁଗୁଡ଼ା ଜିଲ୍ଲାରେ ଏନସିସି ଓ ଏନଏସଏସ କ୍ୟାଡେଟ, ବେଦାନ୍ତର କର୍ମଚାରୀ ଓ ସ୍ଥାନୀୟ ଛାତ୍ରଙ୍କ ସହିତ ୩୫୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ କିଶୋର କୁମାର ସ୍ୱାଇଁଙ୍କ ଦ୍ୱାରା ବିଶ୍ୱ ଏଡସ ଦିବସରେ ସଚେତନତା ରାଲି କରାଯାଇଥିଲା। ବିଦ୍ୟାଳୟ, କଲେଜ ଓ ପୋଲିସ ଷ୍ଟେସନକୁ ନେଇ ଏହି ସଚେତନତା ଏକ ସପ୍ତାହ ଯାଏ ଚାଲୁ ରହିବ। ଓଡ଼ିଶା ରାଜ୍ୟ ଏଡସ କଂଟ୍ରୋଲ ସୋସାଇଟି ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ସହଭାଗିତାରେ ବେଦାନ୍ତର ଏହି ଉଦ୍ୟମରେ ପ୍ରାୟ ୫୦୦୦ ଲୋକଙ୍କୁ ନିରାକରଣ, ଉପଚାର ଓ ବିଲୋପ ବିଷୟରେ ସଚେତନ କରାଯିବା ଲକ୍ଷ୍ୟ ରହିଛି। କଳାହାଣ୍ଡି ଜିଲ୍ଲାର ଲାଂଜିଗଡ଼ରେ ପ୍ରବାସୀ ଶ୍ରମିକ, ଟ୍ରକ ଡ୍ରାଇଭର ଓ ସ୍ଥାନୀୟ ଗୋଷ୍ଠୀଙ୍କ ଲାଗି ଅଧିବଶେନ ସହ ଏହି ଅଭିଯାନ ଆରମ୍ଭ ହୋଇଥିଲା। ନୁକଡ଼ ନାଟକ, ରାଲି ଓ ସଚେତନତା କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ।

## ଗ୍ୟାସ୍ ବ୍ୟବହାର ବେଳେ ଅଗ୍ନିକାଣ୍ଡ ଘଟିଲେ ନିଜକୁ କିପରି ସୁରକ୍ଷିତ କରାଯିବ ସେ ଉପରେ ସଚେତନ କଲା ଅଗ୍ନିଶମ ବିଭାଗ



ନୂଆଗାଁ: ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ରାମେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ନୂଆଗାଁ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିକାଣ୍ଡ ଓ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଛାତ୍ର ଛାତ୍ରୀ ଙ୍କୁ ସଚେତନ କରଯାଇଥିଲା । ମୁଖ୍ୟ ଆଗ୍ନିକ ମଳୟ କୁମାର ପ୍ରଧାନ ଙ୍କ ତ୍ତ୍ୱାବଧାନରେ ଅଗ୍ନିଶମ କର୍ମଚାରୀ ଆଭାସ ରଞ୍ଜନ ସାମଲ ,ପ୍ରସନ୍ତ କୁମାର ଦଲେଇ, ବୈକୁଣ୍ଠ ନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ଘରେ ଗ୍ୟାସ୍ ବ୍ୟବହାର ବେଳେ ଅଗ୍ନିକାଣ୍ଡ ଘଟିଲେ କିପରି ମକଡ୍ରିଲ୍ କରି ଛାତ୍ର ଛାତ୍ରୀଙ୍କୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ ରୁ ନିଜକୁ କିପରି ସୁରକ୍ଷିତ ରଖିବା ସେ ଉପରେ ସଚେତନ କରିଥିଲେ। ମକଡ୍ରିଲ୍ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ,ସହକାରୀ ଶିକ୍ଷକ ସୋମନାଥ ପରିଡ଼ା,ସୁଦାମ ମଲ୍ଲିକ,ଶରତ କୁମାର ସାହୁ,ସୁଧି ରଞ୍ଜନ ପରିଡ଼ା ,ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ନାୟକ , ଅଙ୍ଗନ୍ ୱାଡ଼ି କର୍ମୀ, ରୋଷେୟା ଉପସ୍ଥିତ ଥିଲେ।

## ଗଜପତି ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ୨୦୨୪ ପାଳିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ବିଶ୍ ମୃତ୍ତିକା ଦିବସ ୨୦୨୪ ପାଳିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଏ ରାମ ପ୍ରସାଦ ପାତ୍ରଙ୍କ ଅଧକ୍ଷତାରେ ଅନଷ୍ଠିତ ବୈଠକରେ ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ କୁମାର ପଟ୍ଟନାୟକ,ଜିଲ୍ଲା କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଧେକ,ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାଶ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଂଗ୍ରାମ ପରମ ଗୁରୁ, ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଆଜିର ପ୍ରସଙ୍ଗ ହେଉଛି ମୃତ୍ତିକାର ଯତ୍ନ ପରିମାପ, ପର୍ଯ୍ୟବେକ୍ଷଣ,ପରିଚାଳନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

## ପରିବାର ଯାତ୍ରା ଦେଖୁଥିବା ବେଳେ ଘରେ କଳାକନା ବୁଲେଇ ଦେଲେ

କପ୍ତିପଦା -(ମହାଭାରତ ): କ ପ୍ତ ି ପ ଦ । ନୂଆସାହି(ବାଘମରାଛକ)ଗ୍ରାମର ମନୋରଞ୍ଜନ ପାତ୍ର(୪୫) ଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଲକ୍ଷାଧିକ ଟଙ୍କା ଚୋରି ହୋଇ ଯାଇଥିବା କପ୍ତିପଦା ଥାନାରେ ଅଭିଯୋଗ ହୋଇଛି। ଗତକାଲି ଗୁରୁବାର ଗାଁ ରେ ଯାତ୍ରା ହେଉଥିବା ବେଳେ ପରିବାର ଲୋକେ ଯାତ୍ରା ଦେଖିବାକୁ ଯାଇଥିଲେ,ତେବେ ସକାଳୁ ଘରେ ପହଞ୍ଚି ମୁଖ୍ୟ ଦ୍ୱାରରେ ତାଲା ଭଙ୍ଗା ହୋଇଥିବା ଦେଖି ଭିତର ଘରକୁ ପଶିଥିଲେ,ସେଠାରେ ଗଡରେଜ ଭାଙ୍ଗି ଲକ୍ଷାଧିକ ଟଙ୍କାର ଗହଣା ଓ ନଗଦ ୪୦ହଜାର ଟଙ୍କା ଲୁଟ୍



ହୋଇଥିବା ଦେଖି କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ,ଖବର ପାଇ କପ୍ତିପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିବା ସହିତ ଘର ନିକଟରେ ଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରୁଛନ୍ତି,ତେବେ କପ୍ତିପଦା ଅ□ଳରେ ଚୋରମାନେ ପୋଲିସକୁ ସିଧା ଚ୍ୟାଲେଞ୍ଜ କରୁଥିବା ବେଳେ ପୁଲିସ ର ବିଫଳତା ଅଞ୍ଚଳ ବାସୀ ଙ୍କ ମନରେ ଭୟ ସୃଷ୍ଟି କରୁଛି,ନିକଟ ଅତିକମରେ ଜଣେ ଶିକ୍ଷକ ଘରେ ନଥିବାର ସୁଯୋଗ ନେଇ କବାଟ ପୋଡ଼ି ଲୁଟ କରିଥିଲେ। ଏହି ଅଞ୍ଚଳ ରେ ଶାନ୍ତି ର ବାତାବରଣ ଥିବା ବେଳେ କେବେ ଚୋରି ହେଉ ନଥିଲା,ପ୍ରାୟ ୨ମାସ ମଧ୍ୟରେ ନୂଆସାହି ରେ ଦୁଇ ଦୁଇ ଟି ଚୋରି ଲୋକଙ୍କ ନିଦ ହଜାଇ ଦେଇଛି ।

## ମହାଲିଙ୍ଗ ଧାନ ମଣ୍ଡି ଉଦଘାଟିତ

ଗୋଲାମୁଣ୍ଡା (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଧାନ ମଣ୍ଡି ଆଜି ଉଦଘାଟିତ ହୋଇଯାଇଛି । ଏଥିରେ ପେକ୍ସ ସଭାପତି ରାଜେଶ ଅଗ୍ରୱାଲ ଉଦଘାଟନ କରିଥିଲେ। ଧାନ ମଣ୍ଡି ଉଦଘାଟନରେ ଗଣମାଧ୍ୟମ ପ୍ରତିନିଧି ଶ୍ରୀ ଲବଜି ପୁଟେଲେ, ରୋମା□ଳ ପୁଟେଲ, ତଦନ୍ତ ଅଧିକାରୀ ଦିବ୍ୟରାଜ ଭୋଇ,ଧାନକ୍ରୟ ଅଧିକାରୀ ତୁଳସୀ ତାଣ୍ଡି,ଆର ଏମ ସି କର୍ମଚାରୀ କପିଳାସ କନ୍ଧପାନ, ଡି କୁଟିଆ ପ୍ରମୁଖ ଉପସ୍ଥିତ ଥିଲେୟ ଧାନର ଆଦ୍ରତା ୧୪ ରୁ ୧୭ ପ୍ରତିଶତ ଥିଲେ ଧାନ କ୍ରୟ କରାଯିବ ବୋଲି କ୍ରୟ ଅଧିକାରୀ ତୁଳସୀ ତାଣ୍ଡି ପ୍ରକାଶ କରିଛନ୍ତି।

## ଜାତୀୟ ସ୍ତରୀୟ ସ୍କୋଏ ମାର୍ଶଲ ଅର୍ଟ ପ୍ରତିଯୋଗିତା ରେ ଅନୁଗୋଳରୁ ୧୩ ଖେଳାଳି

ଅନୁଗୋଳ,(ମହାଭାରତ): ଚଳିତ ମାସ ତା ୦୭/୧୨/୨୦୨୪ ରିଖ ଠାରୁ ୦୯/୧୨/୨୦୨୪ ରିଖ ପର୍ଯ୍ୟନ୍ତ ୨୫ ତମ ଜାତୀୟ ସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ହରିୟାଣା ର ପଞ୍ଚକୁଲା ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ପ୍ରତିଯୋଗିତାରେ ଭାଗ ନେବାପାଇଁ ଅନୁଗୋଳ ଜିଲ୍ଲାରୁ ତିନି ଜଣ ବାଳିକା ଓ ୧୦ ଜଣ ବାଳକ ମନୋନିତ ହୋଇ ତା ୦୫/୧୨/୨୦୨୪ ରିଖ ଦିନ ହରିୟାଣା ଅଭିମୁଖେ ଯାତ୍ରା କରିଛନ୍ତି। ଉକ୍ତ ଖେଳାଳି ମାନଙ୍କ ଦାୟିତ୍ୱରେ ଜାତୀୟ ଖେଳାଳି ପ୍ରିତମ କୁମାର ସାହୁ ଖେଳାଳି ମାନଙ୍କୁ ନେଇ ଯାତ୍ରା କରୁଛନ୍ତ। ଉକ୍ତ ଖେଳାଳି ମାନଙ୍କୁ ଅନୁଗୋଳ ଜିଲ୍ଲା କ୍ରିଡ଼ା ଅଧିକାରି ଅକ୍ଷୟ କୁମାର ସେଠ,ରାଜ୍ୟ ଉପ ସଭାପତି ଓ ଜିଲ୍ଲା ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ, ରାଜ୍ୟ ସମ୍ପାଦକ ଏସ୍ କେ ସଲାଉ ଦିନ, ଯୁଗ୍ମ ସମ୍ପାଦକ ମୁସ୍ତାକ ଅଲ୍ଲୀ, ଜିଲ୍ଲା ସଭାପତି ଦ୍ୱାରିକା ପ୍ରସାଦ ନନ୍ଦ, ଉପ ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ଓ ଆଇନ୍ ଜିବୀ ପ୍ରଦିପ କୁମାର ଦେବତା, ଜାତୀୟ ଖେଳାଳି ଓ ବିଜୁ କନ୍ୟା ରତ୍ନ ପ୍ରାପ୍ତ ଜସ୍ମିନ୍ ସାହୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ବଙ୍ଗଳାଦେଶରେ ହିନ୍ଦୁସୁରକ୍ଷା ପାଇଁ ଗର୍ଜିଲା ହିନ୍ଦୁସୁରକ୍ଷା ମଞ୍ଚ



କେନ୍ଦୁଝର(ମହାଭାରତ) :କେନ୍ଦୁଝର, ହିନ୍ଦୁସୁରକ୍ଷା ମଞ୍ଚର କେନ୍ଦୁଝର ଜିଲ୍ଲା ସଂଯୋଜକ ଘନଶ୍ୟାମ ମହାନ୍ତ ଙ୍କ ଆହ୍ୱାନ କ୍ରମେ ଆଜି କେନ୍ଦୁଝର ସହରର କାଳୀ ପଡିଆ ନିକଟରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ରେ ହଜାରହଜାର ହିନ୍ଦୁ ପ୍ରେମି ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅମାନବୀୟ ଅତ୍ୟାଚାର ବିରୋଧରେ ସ୍ଲୋଗାନ ଦେବା ସହିତ ବଙ୍ଗଳାଦେଶ ସରକାରକୁ ଚେତାବନୀ ଦେଇଥିଲେ। ଏହି ଶୋଭାଯାତ୍ରା କେନ୍ଦୁଝର କଳିପଡିଆ ଠାରୁ ବାହାରି ନଗର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବଙ୍ଗଳାଦେଶରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଭାରତ ସରକାରଙ୍କୁ ଚେତେଇ ଥିଲେ। ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେୟ ସାରା ବିଶ୍ୱରେ ହିନ୍ଦୁ ଏକତାର ଅଭାବ ଓ ଅତ୍ୟଧିକ ସହନଶୀଳତା ପାଇଁ ବିଧର୍ମୀମାନଙ୍କ ଆକ୍ରମଣର ଶିକାର ହେଉଛନ୍ତି ହିନ୍ଦୁ ମାନେ। ୫୦ ବର୍ଷ ତଳେ ଭାରତୀୟଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ବାଂଲାଦେଶ ରେ ଏବେ ହିନ୍ଦୁ ନରସଂହାର ଚାଲିଛି। ସେଠାରେ ସଂଖ୍ୟାଲଘୁ ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର ହେଉଛି । ମଠ ମନ୍ଦିର ଭାଙ୍ଗିବା ସହିତ ସାଧୁସ୍ୟମାନଙ୍କୁ ଦେଶଦ୍ରୋହ ଅପରାଧରେ ବନ୍ଦୀ କରାଯାଉଛି ।ପରନ୍ତୁ ଖୁସିର କଥା ବାଂଲାଦେଶ ହିନ୍ଦୁଙ୍କରନିଦ ଭାଙ୍ଗିଛି । ମିଛ ଭାଇଚାରା ନିଶା କୁ ପରିତ୍ୟାଗ କରି ଇସ୍କନର ସାଧୁ ସ୍ୱାମୀ ଚିନ୍ମୟ ପ୍ରଭୁଙ୍କ ନେତୃତ୍ୱରେ ହିନ୍ଦୁ ଏକତ୍ରୀତ ହୋଇ ପ୍ରତିବାଦ କରୁଛନ୍ତି । ସେମାନଙ୍କୁ ନୈତିକ ସମର୍ଥନ ଦେବା ପାଇଁ ଓ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ପାଇଁ ସମଗ୍ର ଭାରତରେ ହିନ୍ଦୁ ସୁରକ୍ଷା ମଞ୍□ ପକ୍ଷରୁ ପ୍ରତିବାଦ ସଭା କରୁଛି ବୋଲି ହିନ୍ଦୁସୁରକ୍ଷା ମଞ୍ଚର କେନ୍ଦୁଝର ଜିଲ୍ଲା ସଂଯୋଜକ ଘନଶ୍ୟାମ ମହାନ୍ତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ବିଭିନ୍ନ ହିନ୍ଦୁ ସଂଗଠନ ର ହିନ୍ଦୁ ପ୍ରେମି ତଥା ବିଭିନ୍ନ ମତପ୍ୟ ର ନେତୃତ୍ୱ ମାନେ ଯୋଗଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ବିଶ୍ୱହିନ୍ଦୁ ପରିସଦ,ହିନ୍ଦୁଜାଗୃତି ମଞ୍ଚ, ଇସ୍କନ ପରିବାର, ଗାୟତ୍ରୀ ପରିବାର, ମହିମା ସମାଜ, ବିଏମଏସ, ବନବାସୀ କଲ୍ୟାଣ ଆଶ୍ରମ, ଏବିଭିପି, ଏକଲ୍ଲ ବିଦ୍ୟାଳୟ ପରି ଅନେକ ସଂଗଠନ ର ସହଯୋଗ ରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ଆସିକା (ମହାଭାରତ): ଆସିକା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବଙ୍ଗାଳାଦେଶରେ ଚାଲିଥିବା ହିନ୍ଦୁ ମାନଙ୍କ ପ୍ରତି ହିଂସା କୁ ରୋକିବା ସହ ଓଡିଶାରୁ ବାଂଲାଦେଶୀ କଟର ପ୍ୟୀ ମାନଙ୍କୁ ହଟାଇବା ଦିଗରେ ତ୍ୱରିତ ପଦକ୍ଷେପ ନେବା ହିନ୍ଦୁ ମାନଙ୍କ ସୁରକ୍ଷା,ଗୋ ମାତା ର ସୁରକ୍ଷା, ଗୋଚର ଜମିର ପୁନଃ ଉଦ୍ଧାର, ଗୋ ଚାଲାଣ ବନ୍ଦ ଉପରେ ସୋର୍ଯ୍ୟ ଜାଗରଣ ଯାତ୍ରା ଅସରରେ ଆସିକା ବସଷ୍ଟାଣ୍ଡ ନିକଟ ବୁଢ଼ୀ ଠାକୁରାଣୀ ମନ୍ଦିର ରୁ ଏକ ପ୍ରତିବାଦ ଶୋଭାଯାତ୍ରା ରେ ବାହାରି ଲକ୍ଷ୍ମୀବଜ଼ାର, ହାଟପଦା, ମହାତ୍ମାଗାନ୍ଧୀ ରୋଡ଼, କୋର୍ଟ ଦେଇ ଆସିକା ତହସିଲ ଅଫିସରେ ପହଞ୍ଚି ସହକାରୀ ତହସିଲଦାର ଦେବୀପ୍ରସାଦ ବାରିକଙ୍କୁ ଭାରତ ମହାମହିମ ରାଷ୍ଟ୍ରପତି,




ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରିଥିଲେକ୍ଷ ଏହି ପ୍ରତିବାଦ ଶୋଭାଯାତ୍ରାରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଦସ୍ୟ ଉପସ୍ଥିତ ରହି ରାଲି ରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମ ରେ ବଟ କୃଷ୍ଣ ପଣ୍ଡା ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ,ମୁରଲୀ ଧର ପଣ୍ଡା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ,ସୁଧୀର କୁମାର ନାୟକ ଘୁମୁସର ଜିଲ୍ଲା ସଭାପତି ଦୟାମତା ସରସ୍ୱତୀ, ବିଶ୍ୱ ହିନ୍ଦୁ ପରିଷଦ ର ସମ୍ପାଦକ ନାରାୟଣ ରଥ, ଉପସଭାପତି ଯୋଗେନ୍ଦ୍ର ନାଥ ପ୍ରଧାନ, ଇ. ଭେଙ୍କଟରମଣ, ଆଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ଅନିଲ ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ସେଠୀ, ଗାୟତ୍ରୀ ପରିବାର ର ସନାତନ ଜେନା, ସିମା□ଳ ସେଠୀ, ଅଭିମନ୍ୟୁ ସେଠୀ, ଶ୍ରୀକାନ୍ତ ରେଡ଼ି, ସ ି ଧେ ଶ ୍ର ପାଣିଗ୍ରାହୀ,ବ୍ୟାମେକେଶ ତ୍ରିପାଠୀ, ବିଷ୍ଣୁ ପ୍ରିୟା ସ୍ୱାଇଁ, ବୃନ୍ଦାବନ ବେହେରା, ବିଜେପି କାଉନସିଲର ରାଘବ ସିଅ, ସରୋଜ ଭଞ୍ଜ, ରବୀନ୍ଦ୍ର ଆଚାରୀ, ବାବୁ ଆଚାରୀ ସମେତ ବହୁ କାର୍ଯ୍ୟ କର୍ତ୍ତା ଯୋଗ ଦେଇଥିଲେ ।

# ମସ୍କଙ୍କୁ ନୂଆ ଦରମା ଦେବା ଉପରେ ଲାଗିଲା ରୋକ୍

**ନୂଆଦିଲ୍ଲୀ,୬।୧୨(ଏଜେନ୍ସି):** ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ଆଜିକାଲି ନିଜର ଦରମା ପାଇବା ପାଇଁ ଆଇନଗତ ଲଢେଇ ଲଢୁଛନ୍ତି । ଡେଲାୱେୟରଙ୍କ ଏକ କୋର୍ଟ ପୁଣିଥରେ ଟେସଲାର ସିଇଓଙ୍କ ୧୦୧.୪ ବିଲିୟନ ଡଲାର ସାଲାରୀ ପ୍ୟାକେଜକୁ ଖାରଜ କରିଦେଇଛନ୍ତି । ଉଲ୍ଲେଖନୀୟ ଯେ, ଏହି ପ୍ୟାକେଜ୍ ୨୦୧୮ରେ ଧାର୍ଯ୍ୟ ହୋଇଥିଲା । ଟେସଲାର ଷ୍ଟକରେ ଜୋରଦାର ବୃଦ୍ଧି କାରଣରୁ ଏହାର ଭ୍ୟାଲୁ ବହୁ ଗୁଣ ଅଧିକ ବଢି ଯାଇଛି । କୋର୍ଟଙ୍କ ରାୟ ପରେ ଏଲନ୍ ମସ୍କଙ୍କୁ ଏହି ପେ ପ୍ୟାକେଜ୍ ପର୍ଯ୍ୟନ୍ତ ପହଁଞ୍ଚିବାରୁ ରୋକ୍ ଲଗାଇ ଦିଆଯାଇଛି । ଚାନ୍ସଲେର କ୍ୟାଥେଲିନ୍ ଏସ୍ଟେ ମ୍ୟାକ୍କର୍ମିକ ନିଜର ୧୦୩ ପୃଷ୍ଠାର ରାୟରେ କହିଛନ୍ତି, ଟେସଲା ବୋର୍ଡ ୨୦୧୮ ରେ ଏହି ପ୍ୟାକେଜର ଘୋଷଣା ମସ୍କଙ୍କ ପ୍ରଭାବରେ ଆସି ମଞ୍ଜୁର କରିଥିଲା । ସେ ଟେସଲାର ଆଇନଗତ ଟିମର ତର୍କକୁ ଖାରଜ କରି ତାଙ୍କୁ ତ୍ରୁଟିପୂର୍ଣ୍ଣ ଓ ଭୁଲ ବୋଲି କହିଛନ୍ତି । ରାୟରେ ସେ କହିଛନ୍ତି, ବୋର୍ଡ ପାଖରେ ଏଲନ୍ ମସ୍କଙ୍କୁ ଉଚିତ ବେତନ ଦେବାର ବହୁ ବିକଳ୍ପ ଥିଲା, କିନ୍ତୁ ସେ ମସ୍କଙ୍କ ଆଇନ ଆଗରେ ନଇଁବାର ନିଷ୍ପତ୍ତି



ନେଇଥିଲେ ।' କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସେୟାର ଭୋଟ ଜରିଆରେ ଧାରକଙ୍କ କୌଣସି ନ୍ୟାୟିକ୍ ନିଷ୍ପତ୍ତିକୁ ବଦଳାଇ ହେବନି । କୋର୍ଟ ସେୟାରହୋଲ୍ଡର ରିଚର୍ଡ ଟରନେଟୋଙ୍କ ଓକିଲଙ୍କୁ ୩୫୪ ମିଲିୟନ ଡଲାର କ୍ଷତିପୂରଣ ଦେଇଛନ୍ତି । ସେ ମସ୍କଙ୍କ ପେ ପ୍ୟାକେଜକୁ ଚ୍ୟାଲେଞ୍ଜ ଦେଇଥିଲେ । ସେ ତାଙ୍କ ଓକିଲଙ୍କୁ ୧୦ ଡଲାର ମାଗିଥିଲେ । ଏଲନ୍ ମସ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପ୍ରତିକ୍ରିୟା ଦେଇ ଏହି ରାୟକୁ ସମ୍ପୂର୍ଣ୍ଣ ଭାବରେ ଭ୍ରଷ୍ଟାଚାରରେ ଲିପ୍ତ ବୋଲି କହିଛନ୍ତି । ଟେସଲା ବୋର୍ଡ ଏହି ରାୟକୁ ଡେଲାୱେୟାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ ଦେବାର ଘୋଷଣା କରିଛି । ଅପିଲ ପକ୍ରିୟାରେ ବହୁ ମାସ ଲାଗିପାରେ, ଯାହାଫଳରେ ଅନ୍ତିମ ଫଳାଫଳ ଆସିବାରେ ବିଳମ୍ବ ହୋଇପାରେ । ୨୦୧୮ ରେ ପେ ପ୍ୟାକେଜ୍ ମସ୍କ ଟେସଲାର ଷ୍ଟାର ମୂଲ୍ୟ ସହ ଜଡିତ ଥିଲା । ମସ୍କଙ୍କୁ ୧୨ ଭାଗରେ ଷ୍ଟକ୍ ବିକଳ୍ପ ମିଳିପାରିଥାନ୍ତା, ଯେଉଁଥିରେ ପ୍ରତି କମ୍ପାନୀର ୧% ଷ୍ଟକ୍ ସମାନ ଥିଲା । ଟେସଲାର ମାର୍କେଟ କ୍ୟାପ୍ରେ ୫୦ ବିଲିୟନ ଡଲାର ବୃଦ୍ଧି, ରାଜସ୍ୱରେ ବୃଦ୍ଧି ଓ EBITDA ଗ୍ରୋଥ୍ କାରଣରୁ ତାଙ୍କର ଦରମା ବଢାଇ ଦିଆଯାଇଥିଲା ।

# ଆସାମରେ ଗୋମାଂସ ଉପରେ ପ୍ରତିବନ୍ଧକ

**ନୂଆଦିଲ୍ଲୀ,୬।୧୨(ଏଜେନ୍ସି):** ଏବେ ଠାରୁ ଆସାମର କୌଣସି ହୋଟେଲ କିମ୍ବା ରେଷ୍ଟୁରାଣ୍ଟରେ ଗୋମାଂସ ପରିବେଷଣ କରାଯିବ ନାହିଁ । କେବଳ ଏତିକି ନୁହେଁ, କୌଣସି ପ୍ରକାରର ସାର୍ବଜନୀନ କାର୍ଯ୍ୟରେ ଗୋମାଂସ ରନ୍ଧା ଖାଦ୍ୟ ପରିବେଷଣ କରାଯିବ ନାହିଁ । ବୁଧବାର ହିମନ୍ତ ବିଶ୍ୱ ଶର୍ମା ସରକାର ଏ ବାବଦରେ ପ୍ରତିବନ୍ଧକ ଘୋଷଣା କରିଛନ୍ତି । ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଶର୍ମା କହିଛନ୍ତି ଯେ 'ପୂର୍ବରୁ ମନ୍ଦିର ନିକଟରେ ଗୋମାଂସ ଖାଇବାକୁ ବାରଣ କରିବା ଆମର ନିଷ୍ପତ୍ତି ଥିଲା, କିନ୍ତୁ ବର୍ତ୍ତମାନ ଆମେ ଏହାକୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରିଛୁ । ଏହାର ଅର୍ଥ ଆପଣ କୌଣସି ସମ୍ପ୍ରଦାୟିକ ସ୍ଥାନ, ସର୍ବସାଧାରଣ ସ୍ଥାନ, ହୋଟେଲ କିମ୍ବା ରେଷ୍ଟୁରାଣ୍ଟରେ ଗୋମାଂସ ଖାଇବାକୁ ଦିଆଯିବ ନାହିଁ । ଆସାମ ସିଏମ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି, 'ଆମେ ନିଷ୍ପତ୍ତି ନେଇଛୁ ଯେ ଗୋମାଂସ କୌଣସି ରେଷ୍ଟୁରାଣ୍ଟ କିମ୍ବା ହୋଟେଲରେ ଦିଆଯିବ ନାହିଁ । ଆହୁରି ମଧ୍ୟ, ଏହା କୌଣସି ସାର୍ବଜନୀନ କାର୍ଯ୍ୟ କିମ୍ବା ସର୍ବସାଧାରଣ



ସ୍ଥାନରେ ପରିବେଷଣ କରାଯିବ ନାହିଁ, ତେଣୁ ଆଜିଠାରୁ ଆମେ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ସର୍ବସାଧାରଣ ସ୍ଥାନରେ ଗୋମାଂସ ଖାଇବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛୁ । ରାଜ୍ୟ କ୍ୟାବିନେଟ ବୈଠକରେ ଗୋମାଂସ ବ୍ୟବହାର ଉପରେ ଥିବା ଆଇନରେ ସଂଶୋଧନ ଏବଂ ନୂତନ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନିଆଯାଇଛି । ଆସାମରେ ଗୋମାଂସ ଖାଇବା ବେଆଇନ ନୁହେଁ, କିନ୍ତୁ ଆସାମ ଗୋରୁ ସଂରକ୍ଷଣ ଅଧିନିୟମ ୨୦୨୧ ଅନୁଯାୟୀ, ଅଧିକାଂଶ ହିନ୍ଦୁ, ଜୈନ ଏବଂ ଶିଖ୍ ଥିବା ଅଞ୍ଚଳରେ ତଥା କୌଣସି ମନ୍ଦିର ପାଞ୍ଚ କିଲୋମିଟର ମଧ୍ୟରେ ଗୋରୁ ମାରିବା ଏବଂ ଗୋମାଂସ ବିକ୍ରୟ ଉପରେ ନିଷେଧାଦେଶ ଜାରି କରାଯାଇଥିଲା । ତେବେ ଦୁଇ ଦିନ ପୂର୍ବେ ସର୍ମା କହିଥିଲେ ଯେ ଯଦି କଂଗ୍ରେସ ନେତାମାନେ ତାଙ୍କୁ ଏ ବିଷୟରେ ଲେଖନ୍ତି ତେବେ ସେ ସର୍ବସମ୍ମତି କ୍ରମେ ଗୋମାଂସ ଉପରେ ପ୍ରତିବନ୍ଧକ ଲଗାଇବେ । ବାସ୍ତବରେ, କଂଗ୍ରେସ ସାଂସଦ ରାକିବୁଲ ହୁସେନ୍ ଅଭିଯୋଗ କରିଛନ୍ତି ଯେ ନାଗାଓଁ ଜିଲ୍ଲାର ସାମଗୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପି କର୍ମୀମାନେ ଏକ ଗୋମାଂସ ପାର୍ଟି ଆୟୋଜନ କରିଛନ୍ତି । ସେ କହିଥିଲେ ଯେ ଏହାର ଉଦ୍ଦେଶ୍ୟ ହେଉଛି ମୁସଲମାନ ଭୋଟରଙ୍କୁ ବୁଝାଇବା । ଏହି ଅଭିଯୋଗ ଉପରେ ସର୍ମା କହିଥିଲେ ଯେ ରାକିବୁଲ ହୁସେନ୍ ଏକ ଭଲ କଥା କହିଛନ୍ତି ଯେ ଗୋମାଂସ ଖାଇବା ଭୁଲ ଅଟେ।ସୋମବାର ଦିନ ସିଏମ୍ କହିଛି ଯେ, ମୁଁ ରାକିବୁଲ ହୁସେନଙ୍କଠାରୁ ଜାଣିବାକୁ ଚାହେଁ ଯେ ଗୋମାଂସ ଉପରେ ନିଷେଧାଦେଶ ଦିଆଯିବା ଉଚିତ, କାରଣ ସେ ନିଜେ ସ୍ୱୀକାର କରିଛନ୍ତି ଯେ ଗୋମାଂସ ଖାଇବା ଭୁଲ, ତେଣୁ ଏଭଳି ପରିସ୍ଥିତିରେ ତୁରନ୍ତ ଏହାକୁ ନିଷିଦ୍ଧ କରାଯିବା ଉଚିତ ।

# ସମ୍ଭଲ ସୀମାରୁ ଫେରିଲେ ରାହୁଲ

**ନୂଆଦିଲ୍ଲୀ,୬।୧୨(ଏଜେନ୍ସି):** ସମ୍ଭଲ ଯାଇନପାରି ଦିଲ୍ଲୀ ଫେରିଲେ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ପୋଲିସ ତାଙ୍କୁ ଗାଜିପୁର ସୀମାରେ ଅଟକାଇଛି ।ରାହୁଲଙ୍କ ସହ ତାଙ୍କ ଭଉଣୀ ତଥା ୱାୟନାଡ ଏମପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଥିଲେ । ସେପଟେ ପୋଲିସ ରାହୁଲ ଏବଂ ପ୍ରିୟଙ୍କାଙ୍କୁ ନୋଟିସ ଦେଇଛି । ରାହୁଲ ଏବଂ ପ୍ରିୟଙ୍କାଙ୍କୁ ପୋଲିସ କହିଛି ଯେ ସମ୍ଭଲରେ ବିଏନଏସର ଧାରା ୧୬୩ ଲାଗୁ ହୋଇଥିବାରୁ ପ୍ରଶାସନ ନିଷେଧାଦେଶ ଜାରି କରିଛି ତେଣୁ ସେମାନେ ସେଠାକୁ ଯାଇପାରିବେ ନାହିଁ । ସେପଟେ ରାହୁଲ ପୋଲିସକୁ



ଅନୁରୋଧ କରିଥିବା ସୂଚନା ମିଳିଛି । ବୁଧବାର ସମ୍ଭଲ ଯାତ୍ରା ପାଇଁ ଯୋଜନା କରିଥିଲେ । ଆସନ୍ତା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ସମ୍ଭଲକୁ କେଣସି ବାହାର ଲୋକ ପ୍ରବେଶ କରିପାରିବେନି ବୋଲି ଉତ୍ତରପ୍ରଦେଶ ପ୍ରଶାସନ କହିବା ପରେ ତାଙ୍କୁ ଫେରିବାକୁ ପଡିଛି । ୧୦ ତାରିଖ ପର୍ଯ୍ୟନ୍ତ ସମ୍ଭଲରେ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଇଛନ୍ତି । ଉଲ୍ଲେଖଯୋଗ, ୫ ଜଣ କଂଗ୍ରେସ ସାଂସଦଙ୍କ ସହ ରାହୁଲ ଗାନ୍ଧୀ ଆସନ୍ତାକାଲି ସମ୍ଭଲ ଗସ୍ତ କରିବା ପାଇଁ ଯୋଜନା କରିଥିଲେ । ଅନ୍ୟପଟେ ୟୁପି କଂଗ୍ରେସ ଦାୟିତ୍ୱରେ ଥିବା ଅବିନାଶ ପାଣ୍ଡେଙ୍କ କହିବାନୁସାରେ, ରାହୁଲ ଗାନ୍ଧୀ ତାଙ୍କୁ ଏକୁଟିଆ ଯିବାକୁ ପୋଲିସକୁ ଅନୁରୋଧ କରିଛନ୍ତି । ଯଦି ତୁମେ ମୋ କାରରେ ଯିବାକୁ ଚାହୁଁନାହଁ, ତେବେ ମୋତେ ତୁମ କାରରେ ନେଇଯାଅ । ତେବେ ପୋଲିସ ପ୍ରଶାସନ ଏପର୍ଯ୍ୟନ୍ତ ଏହାର ଅନୁମତି ଦେଇନାହିଁ । ସୂଚନା ଅନୁଯାୟୀ, ରାହୁଲଙ୍କ ଏହି ପ୍ରସ୍ତାବ ଉପରେ ପୋଲିସ ଏବଂ ପ୍ରଶାସନିକ କର୍ମଚାରୀ ସେମାନଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

# ଆଫଗାନୀ ମହିଳା ନେଇ ପାରିବେନି ନର୍ସିଂ ଟ୍ରେନିଂ

**କାବୁଲ,୬।୧୨(ଏଜେନ୍ସି):** ତାଲିବାନୀ ନିୟମରେ ଅଣନିଶ୍ୱାସୀ ଅଫଗାନୀ ମହିଳା । ଦିନକୁ ଦିନ ଦୁର୍ବିସହ ହେଉଛି ଜୀବନ, ସଙ୍କୁଚିତ ହେଉଛି ସ୍ୱାଧୀନତା । ଶିକ୍ଷାଗ୍ରହଣଠାରୁ ନେଇ ବାହାରେ ବୁଲିବା ପର୍ଯ୍ୟନ୍ତ ସବୁଥିରେ କଟକଣା । ଏସବୁ ଭିତରେ ଅଦ୍ଭୁତ ଘୋଷଣା କରିଛି ତାଲିବାନ ସରକାର । ତାହା ହେଲା ମହିଳାମାନେ କରିପାରିବେନି ନର୍ସିଂ ଟ୍ରେନିଂ । ଏଭଳି ଘୋଷଣା ମହିଳାଙ୍କ ଶିକ୍ଷାଗ୍ରହଣର ଅନ୍ତିମ ବାଟକୁ କରିଛି ବନ୍ଦ ।

ତାଲିବାନର ରକ୍ଷଣଶୀଳ ଚିନ୍ତାଧାରା ଯୋଗୁଁ ଆଫଗାନୀ ମହିଳାଙ୍କ ଭବିଷ୍ୟତ ଅନ୍ଧକାର । ଶରିୟା ଆଇନ ଅନୁସାରେ ଆସୁଛି ଗୋଟିଏ ପରେ ଗୋଟିଏ ନିୟମ । ପ୍ରଥମେ ମହିଳାଙ୍କ ବୁର୍କା ପିନ୍ଧିବାକୁ ଆସିଥିଲା କଠୋର ନିୟମ । ତାପରେ ଚାକିରୀ ଏବଂ ଏକାକୀ ବାହାରେ ବୁଲିବା ଉପରେ ଲାଗିଥିଲା କଟକଣା । ହେଲେ ଏବେ ଅଫଗାନୀ ମହିଳା ନେଇ ପାରିବେନି ନର୍ସିଂ ଟ୍ରେନିଂ । ଏହାଦ୍ୱାରା ମହିଳାଙ୍କ ଶିକ୍ଷା କ୍ଷେତ୍ରରେ ବାକି ଥିବା ଶେଷ ରାସ୍ତା ବନ୍ଦ ହୋଇଛି । ବିବିସିର ରିପୋର୍ଟ ଅନୁସାରେ, ନର୍ସିଂ ଟ୍ରେନିଂ ନେଉଥିବା ମହିଳାଙ୍କୁ କ୍ଲାସ ନଯିବାକୁ କହିଛି ତାଲିବାନ ।



ତେବେ ତାଲିବାନ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହା ଉପରେ କିଛି ପ୍ରତିକ୍ରୀୟା ଦେଇ ନାହିଁ । ଦେଶରେ ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ଭିତରେ ତାଲିବାନ ସରକାରଙ୍କ ନିଷ୍ପତ୍ତି ସୃଷ୍ଟି କରିଛି ପ୍ରଶ୍ନବାଚୀ । ୨୦୨୩ ରେ ଜାତିସଂଘ ସୂଚନା ଦେଇଥିଲେ ଯେ, ଆଫଗାନିସ୍ତାନରେ ୧୮ ହଜାର ନର୍ସଙ୍କ ଆବଶ୍ୟକତା ରହିଛି । ସେଭଳି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଆଫଗାନିସ୍ତାନରେ ମୃତ୍ୟୁହାର ଦୁନିଆରେ ସବୁଠାରୁ ଖରାପ । ସେଠାରେ ୧ ଲକ୍ଷ ଜନ୍ମରେ ୬୨୦ ମହିଳାଙ୍କ ମୃତ୍ୟୁ ହେଉଛି । ୨୦୨୧ ରେ ତାଲିବାନ ସରକାର ଆସିବା ପରେ କିଶୋରୀଙ୍କ ଶିକ୍ଷାଗ୍ରହଣ ଉପରେ ଲାଗିଛି ବ୍ରେକ୍ । ଝିଅଙ୍କୁ ଷଷ୍ଠ ଶ୍ରେଣୀରୁ ଅଧିକ ପାଠ ପଢ଼ା ପାଇଁ ବାରଣ କରାଯାଇଥିଲା । ଏହାସହ ସ୍କୁଲରେ ପୁଅ ଓ ଝିଅଙ୍କୁ ଅଲଗା ଅଲଗା ପଢିବାକୁ ତାଲିବାନୀ ଫରମାନ ଜାରି ହୋଇଥିଲା । ଅନ୍ୟପଟେ ନିଜର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଥିବା ମହିଳାଙ୍କ ପ୍ରତି ରହିଛି କଠୋର ଦଣ୍ଡ । ତାଲିବାନକୁ ବିରୋଧ କରୁଥିବା ମହିଳାଙ୍କୁ ଚାବୁକ ମାଡ଼ ସହ ପଥର ଫିଙ୍ଗି ହତ୍ୟା କରିବାର ନିୟମ ରହିଛି ।

# ଇରାନକୁ ଆମେରିକାର ବଡ ଝଟକା

**ନୂଆଦିଲ୍ଲୀ,୬।୧୨(ଏଜେନ୍ସି):** ଆମେରିକା ଏହାର ଗୋଟିଏ ନିଷ୍ପତ୍ତିରେ ଶତ୍ରୁ ଦେଶ ଇରାନକୁ ଏକ ବଡ ଝଟକା ଦେଇଛି । ଜୋ ବାଇଡେନ ପ୍ରଶାସନ ଇରାନର ତେଲ ପରିବହନ କରୁଥିବା ୩୫ ଟି କମ୍ପାନୀ ଏବଂ ଜାହାଜ ଉପରେ ପ୍ରତିବନ୍ଧକ ଲଗାଇଛି । ତେବେ ପ୍ରତିବନ୍ଧିତ ହୋଇଥିବା ଏହି କମ୍ପାନୀ ଗୁଡିକ ମଧ୍ୟରେ ଦୁଇଟି ଭାରତୀୟ କମ୍ପାନୀ ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି । ତେବେ ଆମେରିକା ପକ୍ଷରୁ ଲଗାଯାଇଥିବା ଏହି ନିଷେଧାଦେଶରେ ଭାରତ ବ୍ୟତୀତ ୟୁଏଇ, ଚୀନ୍, ଲାଇବେରିଆ, ହଂକଂ ସମେତ ଅନ୍ୟ ଦେଶର କମ୍ପାନୀ ଏବଂ ଜାହାଜ ଅନ୍ତର୍ଭୁକ୍ତ ଅଛନ୍ତି ।ଅର୍ଥ ବିଭାଗ ଏକ ବିବୃତ୍ତିରେ କହିଛି ଯେ, ଅକ୍ଟୋବର ୨ ରେ ଇସ୍ରାଏଲ ବିରୁଦ୍ଧରେ ଇରାନର ଆକ୍ରମଣ ପରେ ଏହି କାର୍ଯ୍ୟ ତେହେରାନ ପାଇଁ ଆଉ ଏକ ଝଟକା। ଅକ୍ଟୋବର ୧୧ ରେ ଲାଗୁ ହୋଇଥିବା ପ୍ରତିବନ୍ଧକ



ପରେ ଇରାନ ଆଣବିକ କାର୍ଯ୍ୟକ୍ରମକୁ ଆହୁରି ଜୋରଦାର କରିବାକୁ ଘୋଷଣା କରିଛି । ଆତଙ୍କବାଦ ଏବଂ ଆର୍ଥିକ ଇଣ୍ଟେଲିଜେନ୍ସି ବିଭାଗର କାର୍ଯ୍ୟବାହକ ସଚିବ ବ୍ରେଡଲି ଟି ସ୍ମିଥ୍ କହିଛନ୍ତି ଯେ, ଇରାନ ଏହାର ପେଟ୍ରୋଲିୟମ ବ୍ୟାପାରରୁ ହେଉଥିବା ରାଜସ୍ୱକୁ ପରମାଣୁ କାର୍ଯ୍ୟକ୍ରମ,ବାଲିଷ୍ଟିକ ମିସାଇଲ୍ ଏବଂ ଡ୍ରୋନର ପ୍ରସାର ତଥା ଆତଙ୍କବାଦୀଙ୍କ ଉପରେ ଖର୍ଚ୍ଚ କରିଥାଏ । ଯାହା ଫଳରେ ଅଂଚଳରେ ଅଧିକ ଅସ୍ଥିରତା ଦେଖିବାକୁ ମିଳିଥାଏ ।

# ପୁଣି ତେଜୁଛି ଚାଷୀ ଆନ୍ଦୋଳନ, ରାକେଶ ଟିକାୟତ ଗିରଫ

**ନୂଆଦିଲ୍ଲୀ,୬।୧୨(ଏଜେନ୍ସି):** ଚାଷୀ ନେତା ରାକେଶ ଟିକାୟତଙ୍କ ବୁଧବାର ଦିନ ଆଲିଗଡ ପୋଲିସ ଗିରଫ କରିଛି । ରାକେଶ ଟିକାୟତଙ୍କୁ ପୋଲିସ ଜମୁନା ଏକ୍ସପ୍ରେସରୁ ଉଠାଇ ନେଇଛି । ଏବେ ତାଙ୍କୁ ଟପ୍ପଲ ଥାନାରେ ଅଟକ ରଖାଯାଇଛି । ରାକେଶ ଟିକାୟତଙ୍କୁ ଗିରଫ ପରେ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଗିରଫ ହେବା ପରେ ଗଣମାଧ୍ୟମକୁ ଟିକାୟତ କହିଛନ୍ତି କି, ମୋତେ ଜଣାନାହିଁ ପୋଲିସ କାହିଁକି ମୋତେ ଗିରଫ କରିଛି । ଯଦି କୃଷକଙ୍କ ସମସ୍ୟାର ସମାଧାନ ନହୁଏ ତେବେ ଟପ୍ପଲରୁ ଲକ୍ଷ୍ନୌ ପର୍ଯ୍ୟନ୍ତ ଟ୍ରାକ୍ଟର ମାର୍ଚ୍ଚ ହେବ ବୋଲି ଟିକାୟତ ଚେତାବନୀ ଦେଇଛନ୍ତି । ଟିକାୟତ କହିଛନ୍ତି କି, ସରକାର ସହ ମିଳିତ ଭାବେ ପ୍ରଶାସନ ଶ୍ରମିକ, ଗରିବ, ଚାଷୀ ଓ ଆଦିବାସୀଙ୍କ ସ୍ୱର ଚାପିଦେବାକୁ ଚେଷ୍ଟା କରୁଛି । ହେଲେ ଚାଷୀ ଯେତେବେଳେ ଉଗ୍ରରୂପ ନେବ ସେତେବେଳେ ନା ସରକାର ନା ପ୍ରଶାସନ କେହି ବି ଆନ୍ଦୋଳନକୁ ଚାପି ପାରିବେ ନାହିଁ । କହିରଖୁ କି କେନ୍ଦ୍ର ସରକାର ପୂର୍ବ ଚାଷୀ ଆନ୍ଦୋଳନ ବେଳେ ଏମଏସପି ଗ୍ୟାରେଣ୍ଟି ପାଇଁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଦୀର୍ଘବର୍ଷ ବିତିଯାଇଥିଲେ ବି ସରକାର ଏହାକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି । ଏମଏସପି ଓ ଅନ୍ୟାନ୍ୟ ଦାବି ନେଇ ପୁଣିଥିରେ କୃଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

# ରାହୁଲଙ୍କ ସମ୍ଭଲ ଯାତ୍ରା ଅସଫଳ ହେବା ପରେ ତେଜିଲା ରାଜନୀତି

**ନୂଆଦିଲ୍ଲୀ,୬।୧୨(ଏଜେନ୍ସି):** ସମ୍ଭଲ ହିଂସା ପୀଡ଼ିତଙ୍କୁ ଭେଟିବାକୁ ଯାଉଥିବାବେଳେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ପୁଲିସ ଅଟକାଇବା ପରେ ଜୋର ଧରିଛି ରାଜନୀତି । ଏଥର ଏହି ଘଟଣାରେ ବିଜେପି ସହ ଆରଏସଏସକୁ ଜୋରଦାର ଟାର୍ଗେଟ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । ସେପଟେ ରାହୁଲ ଗାନ୍ଧୀଙ୍କ ସମ୍ଭଲ ଗସ୍ତ ପ୍ରୟାସକୁ ଲୋକଦେଖାଣିଆ ବୋଲି କହିଛି ବିଜେପି । ଏହାସହ ଆର.ଜି କର ଟ୍ରେନି ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ହୋଇଥିବା ହିଂସା ସମୟରେ ସେ କାହିଁକି କୋଲକାତା ଗସ୍ତ କରିନଥିଲେ ବୋଲି ପ୍ରଶ୍ନ କରିଛନ୍ତି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ । ଆଜି (ବୁଧବାର) କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭଉଣୀ ପ୍ରିୟଙ୍କାଙ୍କୁ ଧରି ସମ୍ଭଲ ଯାତ୍ରାରେ ବାହାରିଥିଲେ । ହେଲେ ଦିଲ୍ଲୀ ଏବଂ ନୋଏଡା ମଧ୍ୟରେ ଥିବା ଗାଜୀପୁର ସୀମାରେ ପୂର୍ବରୁ ନିୟୋଜିତ ସୁରକ୍ଷାକର୍ମୀ କଂଗ୍ରେସ ନେତାଙ୍କୁ ଅଟକାଇ ଦେଇଥିଲେ । ଏହି ପ୍ରସଙ୍ଗରେ କଂଗ୍ରେସ ଅଧ୍ୟକ୍ଷ ଖଡଗେ ଏକ୍ସରେ ଲେଖିଛନ୍ତି ଯେ ବିଜେପି ଓ ଆରଏସଏସ ସେମାନଙ୍କର ବିଭାଜନକାରୀ ଏଜେଣ୍ଡା ସହିତ ସମ୍ବିଧାନକୁ ଭାଙ୍ଗିବାରେ ବ୍ୟସ୍ତ ଅଛନ୍ତି । ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସମ୍ଭଲ ପୀଡିତଙ୍କ ପରିବାରକୁ ଭେଟିବାକୁ ନଦେବା ଏହା ପ୍ରମାଣ କରୁଛି । ଦୁଇ ସମ୍ପ୍ରଦାୟ ମଧ୍ୟରେ ଘୃଣା ସୃଷ୍ଟି କରିବା ହେଉଛି ବିଜେପି ଓ ଆରଏସଏସର କହିଛନ୍ତି ଯେ କିଛି ଦିନ ପୂର୍ବରୁ କୋଲକାତାର ଆର.ଜି. କର ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ କରି ହତ୍ୟା କରିଦିଆଯାଇଥିଲା । ଏହି ଘଟଣା ସମଗ୍ର ଦେଶକୁ



ଏକମାତ୍ର ବିଚାରଧାରା । ହେଲେ କଂଗ୍ରେସ ଦଳ ସୌହାର୍ଦ୍ଦ୍ୟ, ଶାନ୍ତି, ଭାଇଚାରା ଏବଂ ପ୍ରେମର ଦୋକାନ ଖୋଲିବା ଜାରି ରଖିବ ଏବଂ ବିବିଧତା ମଧ୍ୟରେ ସମାଜକୁ ଏକ କରି ରଖିବ । ଆମେ ହାର ମାନିବୁ ନାହିଁ କି ପଛକୁ ଫେରିବୁ ନାହିଁ । ସେପଟେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ଏହି ପ୍ରସଙ୍ଗରେ ଏକ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି । ସେ ଥରାଇ ଦେଇଥିଲେ ମଧ୍ୟ ରାହୁଲ ଗାନ୍ଧୀ ସେଠାକୁ ଯାଇନଥିଲେ । ସେହିଭଳି ରାହୁଲ ଗାନ୍ଧୀ ପାଲଘର, ଜୟପୁର, କୋଲହାପୁର ଏବଂ ତାମିଲନାଡୁ ହିଂସା ସମୟରେ ମଧ୍ୟ ଯାଇ ନାହାଁନ୍ତି, କାରଣ ତାଙ୍କୁ ଏଥିରେ ରାଜନୈତିକ ଫାଇଦା ମିଳିନଥାନ୍ତା । ସୁଧାଂଶୁ ତ୍ରିବେଦୀ କହିଛନ୍ତି ଯେ, ଏଭଳି ପରିସ୍ଥିତିରେ ମଧ୍ୟ ବିରୋଧୀ ରାଜନୈତିକ ଲାଭ ଖୋଜୁଛନ୍ତି, ଏହା ଦୁର୍ଭାଗ୍ୟଜନକ ।

# ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ନେଇ ଆମେରିକା ଚିନ୍ତିତ

**ୱାଶିଂଟନ,୬।୧୨(ଏଜେନ୍ସି):** ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଥିବା ମଧ୍ୟରେ ଆମେରିକା ଧାର୍ମିକ ସ୍ୱାଧୀନତା ତଥା ମାନବିକ ଅଧିକାର ପ୍ରତି ସମ୍ମାନ ସମ୍ପର୍କରେ ଆହ୍ୱାନ କରିଛି । ବାଂଲାଦେଶରେ ସଂଖ୍ୟାଲଘୁ ବିଶେଷ କରି ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି । ଆମେରିକାର ବୈଦେଶିକ ବିଭାଗର ଉପମୁଖପାତ୍ର ବେଦାନ୍ତ ପଟେଲ ୱାଶିଂଟନରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରିବା ସମୟରେ କହିଛନ୍ତି ଯେ ଆମେ ସ୍ପଷ୍ଟ ଯେ ମୌଳିକ ସ୍ୱାଧୀନତାକୁ ସମ୍ମାନ ଦିଆଯିବା ଆବଶ୍ୟକ । ପଟେଲ କହିଛନ୍ତି,ସରକାର ଆଇନ ଶୃଙ୍ଖଳା ପାଳନ କରିବା ସହ ନାଗରିକଙ୍କ ମାନବିକ ଅଧିକାରର ସୁରକ୍ଷା କରିବା ଆବଶ୍ୟକ । ସେ କହିଛନ୍ତି, କୌଣସି ପ୍ରକାର ବିରୋଧ ଶାନ୍ତିପୂର୍ଣ୍ଣ ହେବା ଉଚିତ୍ । ଏକ ପ୍ରଶ୍ନର ଉତ୍ତରରେ ପଟେଲ କହିଛନ୍ତି, ଆମେ ଜୋର୍ ଦେଉଛୁ ଯେ ଗିରଫ ବ୍ୟକ୍ତିମାନେ ମାନବିକ ଅଧିକାର ଅନୁଯାୟୀ ଉପଯୁକ୍ତ ଆଇନ ସହାୟତା ଏବଂ ଚିକିତ୍ସା ପାଇବା ଉଚିତ୍ ଏହି ସମୟରେ, ଆମେରିକାର କଂଗ୍ରେସ କର୍ମୀ ବ୍ରାଡ ଶରମାନ ଏକ ବିବୃତିରେ କହିଛନ୍ତି, ହିନ୍ଦୁ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ତଥା ହଜାର ହଜାର ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହୋଇଥିବା ଆକ୍ରମଣ ତଥା ନିର୍ଯାତନାର ମୁକାବିଲା କରିବା ପାଇଁ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ରହିଛି । ହିନ୍ଦୁ ଆକ୍ସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉତ୍କଳ ଚକ୍ରବର୍ତ୍ତୀ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ହିଂସା ବିରୁଦ୍ଧରେ ରାଷ୍ଟ୍ରପତି ଜୋ ବାଇଡେନ ଏବଂ କମଲା ହାରିସ୍‌ଙ୍କ ପ୍ରଶାସନ ସମସ୍ତ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ବାଂଲାଦେଶରୁ ଆମେ ପାଇଥିବା ପ୍ରତିକ୍ରିୟାକୁ ଆଧାର କରି କୁହାଯାଇପାରେ ଯେ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଦ୍ୱାରା ଗିରଫ ହୋଇଥିବା ସାଧୁ ତଥା ନାଗରିକ ଅଧିକାର କର୍ମୀ ଚିନ୍ମୟ କୃଷ୍ଣ ବ୍ରହ୍ମଚାରୀଙ୍କ ଜୀବନ ପ୍ରତି ବିପଦ ରହିଛି ।

# ନୂଆପଡ଼ା ଚିକିତ୍ସାଳୟରେ ପୁରୁଷ ବନ୍ଧ୍ୟାକରଣ ସଚେତନତା

**ନୂଆପଡା,(ନି.ପ୍ର):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡା ଠାରେ ପୁରୁଷ ବନ୍ଧ୍ୟାକରଣ ପକ୍ଷ ସଚେତନତା ସମାରୋହ ପାଳିତ ହୋଇଥିଲା। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନା ସବୁଜ ପତାକା ଦେଖାଇ ନୂଆପଡା ଜିଲ୍ଲାର ବିଭିନ୍ନ ନର୍ସିଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାର ନେତୃତ୍ୱ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ନେଇଥିଲେ। ଏହି ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ଏକତା ଛକ ମଧ୍ୟ ଦେଇ ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚିଥିଲା। ଏହି ଅବସରରେ ନୂଆପଡା ଜିଲ୍ଲା ମୁଖ୍ୟ



ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ପୁରୁଷ ବନ୍ଧ୍ୟାକରଣ ଉପରେ ଏକ କର୍ମଶାଳାର ଆୟୋଜନ ମଧ୍ୟ କରାଯାଇଥିଲା। ଏଥିରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନା ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଲଳିତ ମୋହନ ବିଶି, ଜିଲ୍ଲା ପ୍ରକଳ୍ପ ପରିଚାଳକ ଦିଲ୍ଲୀପ କୁମାର ଦୁବେ, ଜିଲ୍ଲା ମହାମାରୀ ବିଶେଷଜ୍ଞ ଡାକ୍ତର ଜଗତବନ୍ଧୁ ମହାପାତ୍ର, ପରିବାର କଲ୍ୟାଣ ପରିସଂଖ୍ୟାନ ନିରୀକ୍ଷକ ମୀନ କେତନ ମାଝୀ, ଅଣ ସଂକ୍ରାମକ ରୋଗ ସହାୟକ ଶରତ ବେଜ ଓ ନର୍ସିଂ ମହାବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀବୃନ୍ଦ, ଛାତ୍ରଛାତ୍ରୀ ଏବଂ ଚିକିତ୍ସାଳୟର ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ। ପୁରୁଷ ମାନଙ୍କ ପାଇଁ ଏନ. ଏସ. ଭି ଏକ ସହଜ, ସଫଳ ଓ ସୁରକ୍ଷିତ ଜନ୍ମ ନିରୋଧ ଉପାୟ, ଏଥିପାଇଁ ବେଶି କଟାକଟି ବା ସିଲେଇର ଆବଶ୍ୟକତା ନାହିଁ, ଏହାର କୌଣସି ଜଟିଳ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ, ଏହା ଦ୍ୱାରା ପୁରୁଷତ୍ୱ ଓ ଯୌନ ସୁଖ ହ୍ରାସ ହୁଏ ନାହିଁ, ସେବା ଗ୍ରହଣକାରୀଙ୍କ ପାଇଁ ଦୁଇ ହଜାର ଟଙ୍କାର ପ୍ରୋତ୍ସାହନ ରାଶିର ସୁବିଧା ମଧ୍ୟ ରହିଛି, ଏହି ସବୁ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ପରିଚାଳନା କରିଥିଲେ।

# ପାନୀୟ ଜଳ ସମସ୍ୟା ନେଇ ବିଡ଼ିଓଙ୍କୁ ଅଭିଯୋଗ

**କଲ୍ୟାଣସିଂହପୁର,(ନି.ପ୍ର):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଡ଼ାଗୁଡା ପଞ୍ଚାୟତର ୯ ଓ ୧୦ ନମ୍ବର ୱାର୍ଡରେ ପାନୀୟ ଜଳ ସମସ୍ୟା ଲାଗିରହିଥିବାରୁ ଗ୍ରାମବାସୀ ବିଡ଼ିଓ, ତହସିଲଦାର, ଥାନା ଓ ଜିଲାପାଳଙ୍କୁ ଲିଖିତ ଦେବା ଖବର ଦର୍ଶନ କାଗଜରେ ପ୍ରକାଶ ପାଇବା ପରେ ପ୍ରଶାସନକୁ ଚେତା ପଶିଲା। ପ୍ରଶାସନ ପକ୍ଷରୁ ବୁଡ଼ାଗୁଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ନୂତନ ବୋରୱେଲ ଖନନ କରି ସେଥିରେ ସରଞ୍ଜାମ ଲଗାଇ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଜଣାପଡିଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଷ୍ଣୁ ପାଣିଗ୍ରାହୀଙ୍କୁ ପଚାରିବାରୁ ଆଜି ନୂତନ ବୋରୱେଲ ଖନନ କରାଯାଉଛି। ୱାଟର ଲେବୁଲ ଦେଖି ସେଥିରେ ସରଞ୍ଜାମ ଲଗାଇ ଦୁଇଦିନ ମଧ୍ୟରେ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ। ପୁରୁଣା ବୋରୱେଲ ର ଜଳସ୍ତର କମି ଯାଇଥିବାଯୋଗୁଁ ଏହିଭଳି ସମସ୍ୟା ଦେଖା ଦେଇଥିବା କହିଛନ୍ତି। ପ୍ରକାଶ ଥାଉକି ଦୁଇଟି ୱାର୍ଡ ରେ ପ୍ରାୟ (୭୦୦) ସାତ ଶହ ଲୋକ ବସବାସ କରିଆସୁଛନ୍ତି। ଦୀର୍ଘ ବର୍ଷ ଧରି ବିଶୁଦ୍ଧ ପାନୀୟ ସମ୍ମୁଖୀନ ହୋଇଥିଲେ। ପ୍ରାୟ ୨୦ ଦିନ ହେବ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଇଛି। ପିଇବା ପାଣି ଟୋପାଏ ପାଇଁ ବହୁ ହନ୍ତସନ୍ତ ହେବାକୁ ପଡୁଛି। ଏହାର ସମସ୍ୟା ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଷ୍ଣୁ ପାଣିଗ୍ରାହୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଧା କୌଣସି ସୁଫଳ ମିଳିପାରିନାହିଁ। ଦିନ ବିତୁ ଥିବା ବେଳେ ଲୋକଙ୍କ ସମସ୍ୟା ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏହାକୁ ନେଇ ବିଡ଼ିଓ ଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସମସ୍ୟାର ସମାଧାନ ନ କରାଗଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ ସହ ଆମରଣ ଅନଶନ ଭଳି ଚରମପନ୍ଥା ଆପଣାଇବାକୁ ବାଧ ହେବୁ ବୋଲି ଗାନ୍ଧୀ ସାହୁକାର, ସଞ୍ଜୟ କୁମାର ପ୍ରଧାନ, ଶମ୍ଭୁ କୁର୍ସିକା, ନୁରୁ ମହମ୍ମଦ, ଦେବରାଜ ନାୟକ, ପୁଷ୍ପାଞ୍ଜଳି ପାତ୍ର, ହରି ପ୍ରଧାନ, ମିନାରାଓ ଗାଣ୍ଟା, ସୀତାଇ ମିଣିଆକା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାର ନକଲ ଥାନା ଅଧିକାରୀ ନୀଳକଣ୍ଠବେହେରା ଓ ତହସିଲଦାର ରଞ୍ଜନ କୁମାର ମାନସେଠଙ୍କୁ ଦେବାପରେ ଜିଲାପାଳ ଙ୍କ ଗୋଚରାର୍ଥେ ପ୍ରେରଣ କରାଯାଇଥିଲା। ଏହାକୁ ନେଇ ପଞ୍ଚାୟତରେ ନୂତନ ବୋରୱେଲ ଖନନ କରି ଗ୍ରାମ ବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ।

